
STEPHANIE RICE
Swimmer - Olympic Medallist
PLEDGE 'PLASTIC-FREE' ODISHA

#PlasticFreeOdisha
ଧରିତ୍ରୀ TEAM

## ସଂକ୍ଷେପରେ

### ଉତ୍କଳ ସାହିତ୍ୟ ସମାଜର ଜିଲା ଶାଖା ଉଦ୍‌ଘାଟିତ



**କେନ୍ଦ୍ରାପଡା ଅଫିସ, ୪।୧୧:** ଉତ୍କଳ ସାହିତ୍ୟ ସମାଜର କେନ୍ଦ୍ରାପଡା ଜିଲା ଶାଖା ରବିବାର ଉଦ୍‌ଘାଟିତ ହୋଇଯାଇଛି। ସହରର ଗୋପସ୍ଥିତ ଗାଇଡ ଆବାସିକ ମହାବିଦ୍ୟାଳୟ ପରିସରରେ ଏଥିପାଇଁ ଆୟୋଜିତ ସଭାରେ ସଭାପତି ଡ. ବିଜୟାନନ୍ଦ ସିଂହ ଅଧକ୍ଷତା କରିଥିଲେ । ଏଥିରେ ଉଦ୍‌ଘାଟକ ଡ. ନନ୍ଦ କିଶୋର ପରିଡା, ସାହିତ୍ୟିକ ଡ. ପ୍ରକାଶ ପରିଡା, କବି ଅପର୍ଣ୍ଣା ମହାନ୍ତି, ଡ. ମନୋଜ ପଟ୍ଟନାୟକ ଓ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ସାମ୍ପ୍ରତିକ ସାହିତ୍ୟ ଓ ସାହିତ୍ୟିକ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ଡ. ରାମଚନ୍ଦ୍ର ବେହେରା, ଡ. ବାସୁଦେବ ଦାସ, କବି ଡ. ଅନ୍ନପୂର୍ଣ୍ଣା ମହାନ୍ତି ଓ କବି ନବଜ୍ୟୋତି ରାୟ ପ୍ରମୁଖ ଯୋଗଦେଇ ନିଜର ମତ ପ୍ରଦାନ କରିଥିଲେ । ଏହି ଅବସରରେ ସାହିତ୍ୟିକ ବିଜୟ ବଳ ଓ କବି ହେମନ୍ତ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ଶାଖା ଅବାହକ ଡ. ପ୍ରକାଶ ପରିଡା, ସଂଯୋଜକ ସରୋଜ କୁମାର ମହାନ୍ତି, ସଂଗଠନ ସମ୍ପାଦକ ଜୀବନାନନ୍ଦ ଷଡ଼ଙ୍ଗୀ ଏହାକୁ ପରିଚାଳନା କରିଥିଲେ ।

# ଛତାରେ ଗଜଲକ୍ଷ୍ମୀଙ୍କ ଭସାଣି

ଡେରାବିଶ, ୪।୧୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଞ୍ଚଳର ଗଣପର୍ବ ଭାବେ ପାଳିତ ହେଉଥିବା ମା'ଧନଦାତ୍ରୀଙ୍କ ପୂଜୋତ୍ସବ ରବିବାର ସମାପ୍ତ ହୋଇଛି। ଦୀର୍ଘ ୧୧ ଦିନ ଧରି ଚଳଚଞ୍ଚଳ ଥିବା ସମଗ୍ର ଅଞ୍ଚଳ ମା'ଙ୍କ ମେଳଣ ଓ ଭସାଣି ପରେ ନୀରବି ଯାଇଛି। ଛତାଠାରେ ପୂଜା ପାଉଥିବା ମା'ଗଜଲକ୍ଷ୍ମୀଙ୍କ ମେଳଣ ଉତ୍ସବ ଶନିବାର ରାତି ୧ଟାରୁ ଆରମ୍ଭ ହୋଇଥିଲା । ରବିବାର ଅପରାହ୍ନରେ ଏହା ଉଦ୍‌ଯାପିତ ହୋଇଛି । ଛତାଠାରେ ଆୟୋଜିତ ଏହି ମେଳଣରେ ୪ ପୂଜାମଣ୍ଡପ ଏବଂ ଓଲଢିରେ ହୋଇଥିବା ମେଳଣରେ ଗୋଟିଏ ପୂଜାମଣ୍ଡପର ମୃଣ୍ମୟୀ ମୂର୍ତ୍ତି ସାମିଲ ହୋଇଥିଲେ । ଏହି ଅବସରରେ ମା'ଧନଦାତ୍ରୀଙ୍କୁ ପାରମ୍ପରିକ ବାଦ୍ୟ, ସଂକୀର୍ତ୍ତନ, ଘଣ୍ଟ ଓ ଆତସବାଜି ଶୋଭାଯାତ୍ରା ମଧ୍ୟରେ ମେଳଣକୁ ଅଣା ଯାଇଥିଲା । ଏହି ପ୍ରସିଦ୍ଧ ମେଳଣ ଦେଖିବାକୁ ଚଳିତ ବର୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନରେ ୫ନଂ (କ) ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଛତାବଟ ମହାପୁରୁଷଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଗଜଲକ୍ଷ୍ମୀଙ୍କ ମେଢ ନିକଟରେ ଭୋଗଲାଗି ହୋଇଥିଲା। ପରେ ମେଢଗୁଡିକ ବିସର୍ଜନ ପାଇଁ ପ୍ରସ୍ଥାନ କରିଥିଲେ । ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ଡେରାବିଶ ଥାନା ଅଧିକାରୀ ସୁଧୀର କୁମାର ସାହୁ, ସଦର ଥାନା ଅଧିକାରୀ କାବୁଲି ବାରିକଙ୍କ ନେତୃତ୍ୱରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଶୃଙ୍ଖଳାର ସହ ଏହି ମେଳଣ ଶେଷ ହୋଇଥିବାରୁ ମେଳଣ ଶାନ୍ତି କମିଟିର ସଭାପତି ତଥା ଚାଟରା ଚକଡା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ଛତା ଏବଂ ଓଲଢି ପୂଜାକମିଟି ପକ୍ଷରୁ ରଞ୍ଜନ କୁମାର ସାହୁ, ଗୌରାଙ୍ଗ ସ୍ୱାଇଁ, ପ୍ରଭାତ କୁମାର ପ୍ରଧାନ, ଗଣେଶ୍ୱର ବେହେରା ପ୍ରମୁଖ ସ୍ଥାନୀୟ ପ୍ରଶାସନ, ପୋଲିସ ପ୍ରଶାସନ ଓ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବୋଇତ ବନ୍ଦାଣ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ, ୪।୧୧ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତବର୍ଷ ବୋଇତ ବନ୍ଦାଣ ଉତ୍ସବ-୨୦୧୮ ଅନୁଷ୍ଠିତ ହେବ । ଏଥିପାଇଁ ସ୍ଥାନୀୟ କଷଣଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିରଠାରେ ରବିବାର ହୋଇଥିବା ପ୍ରସ୍ତୁତି ବୈଠକରେ ବିକାଶ ପରିଷଦର ସଭାପତି ଦିବାକର ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ପଟ୍ଟାମୁଣ୍ଡାଇରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା ସାରସର ପୂଜା ସଂଖ୍ୟାକୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଏସଡିପିଓ ଉମାଶଙ୍କର ମହାରଣା ଉନ୍ମୋଚନ କରିଥିଲେ । ପରିଷଦର ସମ୍ପାଦକ ଗୋପୀନାଥ ତ୍ରିପାଠୀ ବୋଇତ ବନ୍ଦାଣ ଉତ୍ସବର ରୂପରେଖ ସଂପର୍କରେ ଆଲୋଚନା କରିଥିଲେ। ସାରସର ପରିଚାଳନା ସଂପାଦକ ମନୋଜ ଶତପଥୀ ପୂଜାସଂଖ୍ୟା ଉପରେ ଆଲୋକପାତ କରିଥିଲେ । ପ୍ରସ୍ତୁତି ବୈଠକରେ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ଜେନା, ବାମପନ୍ଥୀ ନେତା ବାବାଜୀ ପରିଡା, ପ୍ରମୋଦ ସାହୁ, ନବକିଶୋର ପଣ୍ଡା, ସୁମିତ୍ରା ମଲିକ, ଶିକ୍ଷାବିତ୍ କସ୍ତୁରୀ ଚରଣ ସ୍ୱାଇଁ, ନାରାୟଣ ପ୍ରସାଦ ଜେନା, ନାରାୟଣ ପ୍ରସାଦ ରାଉଳ, ସହଯୋଗୀ ସଂପାଦକ ରାମକୃଷ୍ଣ ଦାଶ, ସୁବାସ ଚନ୍ଦ୍ର ଦାଶ, ଶିଶିର ପରିଡା, ଚନ୍ଦନ ପାତ୍ର, ଗିରିଜା ଶଙ୍କର ସାମଲ, ଅଲେଖ ଶର୍ମା, ପତିତପାବନ ଭଦ୍ର, ଅଂଶୁମାନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଶିକ୍ଷୟିତ୍ରୀ ଆରାଧନା ଦାଶ ଧନ୍ୟବାଦ ଦେଇଥିଲେ। ଆସନ୍ତା ୨୩ ତାରିଖ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୫ଟି ସବ୍‌କମିଟି ଗଠନ କରାଯାଇ ଦାୟିତ୍ୱ ନ୍ୟସ୍ତ କରାଯାଇଛି ।

## ବନ୍ୟାଞ୍ଚଳ ବିକାଶ ପାଇଁ ସର୍ବଦଳୀୟ ବୈଠକ

ପଟ୍ଟାମୁଣ୍ଡାଇ, ୪।୧୧ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବନ୍ୟାଞ୍ଚଳରେ ଥିବା ସିଂହଗାଁ, ବଲୁରିଆ, ଅଣ୍ଡରା, ଅମୃତମଣୋହି, ଅଳପୁଆ, ତରଡ଼ିପାଳ ଓ ପେଣ୍ଠପାଳ ଆଦି ୭ ପଞ୍ଚାୟତର ବିକାଶ ପାଇଁ ବହୁବାର ଉଦ୍ୟମ ହୋଇଛି। ତଥାପି ଏହି ସବୁ ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଗମନାଗମନ, ବିଦ୍ୟୁତସେବା ଭଳି ଅତ୍ୟାବଶ୍ୟକୀୟ ସେବାରେ ଉନ୍ନତି ଘଟିନାହିଁ । ଏନେଇ ବନ୍ୟାଞ୍ଚଳବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଥିପାଇଁ ଦାଣ୍ଡିସାହି ବ୍ରାହ୍ମଣୀ କଲେଜରେ ରବିବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାମାଜିକ କର୍ମୀ ବସନ୍ତ କୁମାର ମଲ୍ଲିକ ପୌରୋହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଥିରେ ରାଜକୁମାର ବିଶ୍ୱାଳ, ପ୍ରାଧ୍ୟାପକ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଧନେଶ୍ୱର ପ୍ରଧାନ, କୈଳାସ ସେଠୀ, ଜିଲା ପରିଷଦ ସଭ୍ୟ ନାରଦ ବିଶ୍ୱାଳ, ପ୍ରାକ୍ତନ ସମିତି ସଭ୍ୟ ଦେବେନ୍ଦ୍ର ବିଶ୍ୱାଳ ଓ ଗଗନ ମହାଳିକ ପ୍ରମୁଖ ଯୋଗଦେଇ ବନ୍ୟାଞ୍ଚଳର ବିକାଶ ନିମନ୍ତେ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ପାଇଁ ଆଲୋଚନା କରିଥିଲେ । ନିଜ ଅଞ୍ଚଳର ବିକାଶ ନିମନ୍ତେ ଦଳମତ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହେଲେ ଏହି ୭ ପଞ୍ଚାୟତ ବିକାଶ ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଶେଷରେ ପ୍ରେମାନନ୍ଦ ସୁତାର ଧନ୍ୟବାଦ ଦେଇଥିଲେ ।

# ରାଜକନିକା ଫୁଟବଲ କପ୍, ସାଇ ହଷ୍ଟେଲ ବିଜୟୀ



ଉଭୟ ଦଳର ଖେଳାଳି।

ରାଜକନିକା,୪।୧୧(ଡି.ଏନ୍.ଏ.)

ରାଜକନିକା ଆଥଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ରବିବାର ରାଜ୍ୟସ୍ତରୀୟ ରାଜକନିକା କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଆର୍‌ଏନ୍ ହାଇସ୍କୁଲ ମିନି ଷ୍ଟାଡିୟମରେ ଏହାର ଉଦ୍‌ଘାଟନୀ ମ୍ୟାଚ ସାଇ ହଷ୍ଟେଲ କଟକ ଓ ଆକା ଏକାଡେମି, କଟକ ମଧ୍ୟରେ ଖେଳାଯାଇଛି। ଏଥିରେ ସାଇ ୨-୦ ଗୋଲରେ ବିଜୟୀ ହୋଇ କ୍ୱାଟର ଫାଇନାଲରେ ପ୍ରବେଶ କରିଛି। ସାଇ ହଷ୍ଟେଲ ତରଫରୁ ୧୪ନଂ ଖେଳାଳି ପ୍ରଭାତ ଦଣ୍ଡସେନା ଏବଂ ୬ନଂ ଖେଳାଳି ରାଜେଶ ନାୟକ ଗୋଟିଏ ଲେଖାଏଁ ଗୋଲ କରି ଦଳକୁ ବିଜୟୀ କରାଇଥିଲେ । ପ୍ରଭାତ ଦଣ୍ଡସେନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ଏମପି ପ୍ରତାପ ଦେବ, ସମ୍ମାନିତ ଅତିଥିଭାବେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ଦାସ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବଂଶୀଧର ରାଉତ, ଓଳାଭର କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ଶେଖର ଚନ୍ଦ୍ର ବାରିକ୍, ବରିଷ୍ଠ ଆଇନଜୀବୀ କ୍ଷୀରୋଦ ଚନ୍ଦ୍ର ରାଉତ, ଜିଲାକ୍ରୀଡ଼ା ସଂସଦ ସଭାପତି ସୟଦ ଆକ୍‌ମଲ ଅଲ୍ଲୀ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ, ରାଜକନିକା ଶାଖା ପରିଚାଳକ ଅଜାମ୍ବର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଆସୋସିଏଶନର ସଭାପତି ଦୋଳ ଗୋବିନ୍ଦ ନାୟକ, ଉପ-ସଭାପତି ବୈକୁଣ୍ଠନାଥ ପରିଡ଼ା ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ । ଏହି ମ୍ୟାଚକୁ ତରୁଣ କୁମାର ପ୍ରଧାନ, ଅରୁଣ କୁମାର ନାୟକ, ଉତ୍କଳମଣି ବେହେରା, ଶରତ କୁମାର ଜେନା ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ, ଆସୋସିଏଶନ୍‌ର ସମ୍ପାଦକ ଅଜୟ କୁମାର ନାୟକ, କପିଳେନ୍ଦ୍ର ମଲ୍ଲିକ୍, ସହ-ସମ୍ପାଦକ ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

DADLS-163




ODISHA HOCKEY MEN'S WORLD CUP BHUBANESWAR 2018

ODISHA ONE

- 3'T'ର ସଫଳ ପ୍ରୟୋଗ : ରାଜ୍ୟର ସମସ୍ତ ୩୧୪ ବ୍ଲକ୍‌କୁ **OSWAN** ସଂଯୋଗ ।
- ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଓଡ଼ିଆ ଭାଷାରେ ଅଧିକ ନମ୍ବର ରଖିଥିବା ୩୫୪୯ ମେଧାବୀ ଛାତ୍ରଛାତ୍ରୀଙ୍କୁ **ଓଡ଼ିଆ ଭାଷାବୃତ୍ତି** ପ୍ରଦାନ ।
- ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ୩୫୪୯୦ ମେଧାବୀ ଛାତ୍ରଛାତ୍ରୀଙ୍କୁ **ମୁଖ୍ୟମନ୍ତ୍ରୀ ମେଧାବୃତ୍ତି** ପ୍ରଦାନ ।
- ୧୦୬୧ ଶ୍ରେଷ୍ଠ ବିଦ୍ୟାଳୟ ଏବଂ ବିଦ୍ୟାଳୟର ଅଭିଭାବକ, ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ **ଅଭିଭାବକ ଓ ଉତ୍କୃଷ୍ଟ ବିଦ୍ୟାଳୟ ପ୍ରୋତ୍ସାହନ ପୁରସ୍କାର** ପ୍ରଦାନ ।
- **ମୁଖ୍ୟମନ୍ତ୍ରୀ ମେଧାବୃତ୍ତି** ପାଇଥିବା ଛାତ୍ରଛାତ୍ରୀଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧନା ।
- **ବିଜୁ ଯୁବ ସଶକ୍ତିକରଣ ଯୋଜନା**ରେ ୨୦୧୮-୧୯ ବର୍ଷ ପାଇଁ +୨ ଉତ୍ତୀର୍ଣ୍ଣ ୧୫ ହଜାର **ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍** ବଣ୍ଟନ ।



ଆଜି ସମସ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
୩ୟ ମହଲା ସମ୍ମିଳନୀ କକ୍ଷ, ରାଜ୍ୟ ସଚିବାଳୟ
ସନ୍ଧ୍ୟା ୫ଘଟିକା ।

15001/13/0368/1819




ଓଡ଼ିଶା ସରକାର
ସୂଚନା ଓ ଲୋକସମ୍ପର୍କ ବିଭାଗ

# ଜବରଦଖଲକାରୀଙ୍କ କବ୍‌ଜାରେ ଗୋବରୀ

**କେନ୍ଦ୍ରାପଡ଼ା ଅଫିସ୍, ୪।୧୧**

କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଗୋବରୀ ନଦୀର ଜଳ କ୍ରମଶଃ ଜହର ପାଲଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ୨୦୧୩ରେ ଗୋବରୀ ନଦୀର ଜଳ ପରୀକ୍ଷଣରେ ବହୁ ବିଷାକ୍ତ ପଦାର୍ଥ ଥିବା ରିପୋର୍ଟ ଜିଲା ପ୍ରଶାସନ ନିକଟରେ ମହଜୁଦ ଅଛି। କେନ୍ଦ୍ରାପଡ଼ା ଜିଲାକୁ ନଦନଦୀର ଅଞ୍ଚଳ ବୋଲି କୁହାଯାଏ। ଜିଲାରେ ଲୁଣା, କରାଣ୍ଡିଆ, ଗୋବରୀ, ବ୍ରାହ୍ମଣୀ, ବିରୂପା, କାଣୀ, ବୈତରଣୀ, ଖରସ୍ରୋତା, ପାଇକା, ଚିତ୍ରୋତ୍ପଳା, ହଂସୁଆ ପ୍ରମୁଖ ନଦୀ ଓ ଏହାର ଶାଖାରେ ଜଳ ପ୍ରବାହିତ ହୋଇ ଜୀବନ ଜୀବିକାକୁ ସମୃଦ୍ଧ କରିବା ଦିଗରେ ପ୍ରମୁଖ ଭୂମିକା ନେଇ ଆସିଛି। ଏଥିମଧ୍ୟରୁ ଗୋବରୀ ନଦୀର ଗୁରୁତ୍ୱ ଅଧିକ। ୩ ଦଶନ୍ଧି ପୂର୍ବରୁ ସଡ଼କ ସୁବିଧା ନ ଥିବାରୁ ଗୋବରୀର ଜଳପଥ ପଣ୍ୟଦ୍ରବ୍ୟ ବ୍ୟବସାୟର ମୁଖ୍ୟ ମାଧ୍ୟମ ପାଲଟି ଥିଲା। ସମୁଦ୍ରରୁ ଜମ୍ବୁ ମଧ ଦେଇ ଗୋବରୀ ଓ ମହାନଦୀ ଦେଇ କଟକ ପର୍ଯ୍ୟନ୍ତ ସାମଗ୍ରୀ ଦେଣନେଣ ସହିତ ଲୋକମାନେ ଯାତାୟାତ କରୁଥିଲେ। ଏହାବାଦ



ଗୋବରୀ ନଦୀରେ ଦଳ ଭର୍ତ୍ତି ହୋଇ ରହିଛି।

■ ଜଳପଥ ଅବରୋଧ କରୁଛି ବର୍ଜ୍ୟବସ୍ତୁ
■ ଜହର ପାଲଟିଛି ଗୋବରୀ ନଦୀ ଜଳ

ସ୍ୱାଧୀନତା ପରବର୍ତ୍ତୀ କାଳରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ ଏହି ନଦୀର ଜଳକୁ ବିଭିନ୍ନ ଚାଷରେ ଲଗାଯାଉଥିଲା। ଜଳ ସମ୍ପଦ ବିଭାଗ ଆକଳନ ଅନୁଯାୟୀ ଗୋବରୀର ୧୩୮ କିଲୋମିଟର ଲମ୍ବର ଉଭୟ ପାର୍ଶ୍ୱରେ ୭,୬୧୬ ହେକ୍ଟର ଆୟକଟରେ ଜଳସେଚିତ ହୁଏ। ସେହିପରି ମହାକାଳପଡ଼ା ବ୍ଲକ ଅଧୀନ ମାଳିବସା, ତଣ୍ଡିଆପାଳ, ବେଣାକନ୍ଦା ଓ ବିଜୟନଗରଠାରେ କ୍ରିକ୍ ବନ୍ଧ ଯୋଜନା ମାଧ୍ୟମରେ ୪ ହଜାର ହେକ୍ଟର ଜମି ଚାଷ ହୁଏ। ଏଥିମଧ୍ୟରୁ ରବି ଧାନ ୩୨୦୦ ହେକ୍ଟର, ପନିପରିବା ୨୦୦ ହେକ୍ଟର, ବାଦାମ ୬୦୦ ହେକ୍ଟର ଜମିରେ ଚାଷ ହୋଇଥାଏ। ଏହି ଜଳସମ୍ବଳ ଉପରେ ନିର୍ଭର କରି ଜିଲାର ୮୦ ହଜାର ଜନସାଧାରଣ ଚାଷବାସ କରି ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ସେହିପରି ଏହି ଉତ୍ସକୁ ୩୦ହଜାର ହେକ୍ଟର ଜମିରେ ଚାଷ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବ୍ୟବହାର କରାଯାଇଥାଏ ବୋଲି ଜଳସମ୍ପଦ ବିଭାଗ ତଥ୍ୟରେ ଉଲ୍ଲେଖ ରହିଛି।

ଗୋବରୀ ନଦୀ ଜିଲାର ପୌରାଣିକ ଉପାଖ୍ୟାନ ସହ ମଧ ଜଡ଼ିତ। ବିଭିନ୍ନ ପୁରାଣ ପୃଷ୍ଠାରୁ ଜଣାଯାଏ ଯେ, ଶ୍ରୀ ସିଦ୍ଧ ବଳଦେବଜୀଉ କନ୍ଦରାସୁରକୁ ବଧ କରିବା ସମୟରେ ମଧୁଦୈତ୍ୟ ବୋଲି ତାଙ୍କର ଜଣେ ଦୁର୍ଦ୍ଧର୍ଷ ସେନାପତି ଥିଲେ। ଓଳାଶୁଣୀ ପାହାଡ଼ ନିକଟରେ ଯୁଦ୍ଧ ସମୟରେ ଏହି ସେନାପତିଙ୍କ ନିହତ ବେଳେ ବହି ଯାଇଥିବା ରକ୍ତ ଏକ ନଦୀ ସୃଷ୍ଟି କରିଥିଲା। ଏହାକୁ ମଧୁସାଗର ବୋଲି ଲୋକମୁଖରେ ଶୁଣାଯାଏ। ଏହି ମଧୁସାଗର ନଦୀ ଗୋବରୀ ନଦୀର ଏକ ଉପନଦୀ ଭାବେ କେନ୍ଦ୍ରାପଡ଼ା ପୌରାଞ୍ଚଳ ଦେଇ ପ୍ରବାହିତ ହେଉଥିଲା। କାଳକ୍ରମେ ଏହି ନଦୀ କେତେକ ସ୍ଥାନରେ ନିଜର ସତ୍ତା ହରାଇ ସାରିଛି। ଦୁହୁରିଆଠାରୁ ପୌରାଞ୍ଚଳ ମଧ ଦେଇ ଯାଇଥିବା ଗୋବରୀ ନଦୀର ଉଭୟ ପାର୍ଶ୍ୱରେ ଏବେ ଜବରଦଖଲ ବଢ଼ିଛି। ଏଥିସହିତ ଏହି ନଦୀର ଉଭୟ ପାର୍ଶ୍ୱରେ ବିଭିନ୍ନ ବର୍ଜ୍ୟବସ୍ତୁ ପକାଯାଇ ଜଳପଥକୁ ଅବରୋଧ ଓ ଜଳ ପ୍ରଦୂଷିତ କରାଯାଉଛି। କେତେଜଣ ବ୍ୟକ୍ତି ଘରର ପାଇଖାନା ପାଇପ୍ ଗୋବରୀ ନଦୀକୁ ସଂଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରାଣୀବିଜ୍ଞାନ ପ୍ରାଧ୍ୟାପକ ଦେବୀପ୍ରସାଦ ସାହୁ କହିଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଗୋବରୀ ଜଳ ଏବେ ପ୍ରଦୂଷିତ। ଏଥିରେ ଭାରି ମାତ୍ରାରେ କାଡ୍‌ମିୟମ ଓ ପୋଟାସିୟମ ଆଦି ଭରି ରହିଥିବା ପରୀକ୍ଷଣରୁ ଜଣାଯାଇଛି। କୌଣସି ସମୟରେ ଏହି ନଦୀ ନିକଟବର୍ତ୍ତୀ ଅଞ୍ଚଳରେ ଝାଡାବାନ୍ତି ବ୍ୟାପିଲେ ସମ୍ଭାଳିବା କଷ୍ଟକର ହେବ। ନଦୀର ପୁନରୁଦ୍ଧାର ହେଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ସେହିପରି ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି ଯେ, ଗୋବରୀ ନଦୀର ଜଳମାର୍ଗ ସଙ୍କୁଚିତ ହେବା ଫଳରେ ଜଳ ପ୍ରବାହ କ୍ଷୀଣ ହେବାରେ ଲାଗିଛି। ଚାଷଜମିକୁ ପାଣି ଯାଉ ନ ଥିଲେ ମଧ ପୁରୁଣା ସ୍ଥିତି ଅନୁଯାୟୀ ଲୋକମାନଙ୍କୁ ଜଳକର ଦେବାକୁ ବାଧ କରାଯାଉଛି। ଗୋବରୀ ନଦୀ, ଏହାର ସୁରକ୍ଷା ଓ ପ୍ରକୃତ ବିନିଯୋଗ ନିମନ୍ତେ ପ୍ରଶାସନ ନିକଟରେ ବହୁ ସାମାଜିକ ଅନୁଷ୍ଠାନ ବାରମ୍ବାର ଦାବିକରି ଆସିଛନ୍ତି। ତୁରନ୍ତ ଏହି ଜବରଦଖଲ ହଟାଇ ଜଳ ଉତ୍ସର ସୁପରିଚାଳନା ପାଇଁ ସେ ଦାବି କରିଛନ୍ତି।

## ସଂକ୍ଷେପରେ

### ୩ ଟ୍ରଲର ଜବତ, ୩୦ ମତ୍ସ୍ୟଜୀବୀ ଗିରଫ



**ରାଜନଗର, ୪।୧୧ (ଡି.ଏନ୍.ଏ.):** ରାଜନଗର ବ୍ଲକ ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ୩ଟ୍ରଲର ଜବତ ହୋଇଥିବା ବେଳେ ୩୦ମତ୍ସ୍ୟଜୀବୀଙ୍କୁ ରବିବାର ଗିରଫ କରାଯାଇଛି। ଜବତ ଟ୍ରଲରଗୁଡ଼ିକ ବାଲେଶ୍ୱର ଜିଲା କଷାଫଳର ଶ୍ରୀୟା, ବଳରାମଗିର ମହାୟସୀ ଓ କଷିଆ ତାରା ବୋଲି ଜଣାପଡିଛି। ଏଥିସହ ଉକ୍ତ ଟ୍ରଲରରୁ ୨୦ କୁଇଣ୍ଟାଲ ମାଛ ଜବତ ହୋଇଛି। ଅତିରିକ୍ତ ବନ ସରଂକ୍ଷକ ଶ୍ରୀରାମପଦ ଶ୍ରୀଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ ପଇଁତରା ଦେଉଥିବା ବେଆଇନ ଭାବେ ମାଛ ଧରୁଥିବା ଏହି ଟ୍ରଲରଗୁଡ଼ିକୁ ଜବତ କରିଥିଲେ। ସୂଚନାଯୋଗ୍ୟ, ସାମୁଦ୍ରିକ କଇଁଛ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପାଇଁ ଗତ ୧ ତାରିଖରୁ ଗହୀରମଥାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି।

### ବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ପାଳିତ

**ଡେରାବିଶ, ୪।୧୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଶ୍ରୀଧରପୁରସ୍ଥିତ ବଟମହାପୁରୁଷ ନୋଡାଲ ପ୍ରାଥମିକ ବିଦ୍ୟାଳୟର ୩୦ ତମ ସ୍ୱନକ୍ଷତ୍ର ଦିବସ ଇତିମଧ୍ୟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ ଅଧକ୍ଷତା କରିଥିଲେ। ଏଥିରେ ମୁକୁନ୍ଦପୁର ସରପଞ୍ଚ ଯୋଗାନନ୍ଦ ମହାନ୍ତି ମୁଖ୍ୟଅତିଥି, ଶିକ୍ଷାବିତ୍ ବୈକୁଣ୍ଠନାଥ ନାୟକ ମୁଖ୍ୟବକ୍ତା, ମନୋରଞ୍ଜନ ନାୟକ, ପ୍ରାକ୍ତନ ଶିକ୍ଷୟିତ୍ରୀ ପ୍ରତିଭା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସୁଧୀରଞ୍ଜନ ମହାନ୍ତି ଅତିଥି ପରିଚୟ ଦେଇଥିବା ବେଳେ ପରିଚାଳନା କମିଟି ସଭାପତି ଦୀପ୍ତିରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଦେବେନ୍ଦ୍ର ନାଥ ଦାସ, ଭାବଗ୍ରାହୀ କର ଓ ପରିଚାଳନା କମିଟି ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା କିଶୋର ଚନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ।

### ୧୨ରେ ମାର୍ଶାଘାଇ ବ୍ଲକ ଘେରିବ ଭାଜପା

**ମାର୍ଶାଘାଇ,୪।୧୧(ଡିଏନ୍ଏ)** ଦୁର୍ନୀତି ପ୍ରତିବାଦରେ ଆସନ୍ତା ୧୨ତାରିଖରେ ଭାଜପା ତରଫରୁ ମାର୍ଶାଘାଇ ବ୍ଲକ ଘେରାଉ କରାଯିବ। ଏ ନେଇ କାନପୁର ଶାରଳା ମଣ୍ଡପଠାରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ମଣ୍ଡଳ ସଭାପତି ଇଂ ପ୍ରକାଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବରିଷ୍ଠ ଭାଜପା ନେତା ଭୁବନ ମୋହନ ଜେନା, ବିଜୟ ପ୍ରଧାନ, ଜିଲା ସାଧାରଣ ସଂପାଦକ ହେମନ୍ତ ପରିଡା, ଜିଲା ସଂପାଦକ ପ୍ରସନ୍ନ ପରିଡା, ୨୬ ନଂ ଜୋନ ସଭାପତି ରମେଶ ବେହେରା ପ୍ରମୁଖ ଯୋଗ ଦେଇ ବ୍ଲକ ଘେରାଉ କାର୍ଯ୍ୟକ୍ରମ ସଫଳ କରିବାକୁ ଆହ୍ୱାନ କରିଥିଲେ।

### ଜନସମ୍ପର୍କ ପଦଯାତ୍ରା

**ପାଟକୁରା,୪।୧୧(ଡି.ଏନ୍.ଏ.):** ବିଜେଡିର ଗରଦପୁର ବ୍ଲକ ଶାଖା ତରଫରୁ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଯୋଗଦେଇ ବିଭିନ୍ନ ଗ୍ରାମରେ ନିର୍ମାଣ ହୋଇଥିବା ଅନେକ ପ୍ରକଳ୍ପକୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ବିଧାୟକ ଲୋକମାନଙ୍କୁ ସାକ୍ଷାତକରି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସାନଅଡ଼ଙ୍ଗା ପଞ୍ଚାୟତର ଅର୍ଜୁନପୁର ପେଟ୍ରୋଲ ଟାଙ୍କିରୁ ପଦଯାତ୍ରା ବାହାରି ବିଭିନ୍ନ ଗ୍ରାମଦେଇ କାମେଶ୍ୱର ମନ୍ଦିର ନିକଟରେ ପହଞ୍ଚିଥିଲା। ଆସିବା ସମୟରେ ବିଧାୟକ ଅଗ୍ରୱାଲ ଅର୍ଜୁନପୁର ଅଙ୍ଗନୱାଡ଼ି କେନ୍ଦ୍ର, ଶାଳିକଣ୍ଠା ଅଙ୍ଗନୱାଡ଼ି କେନ୍ଦ୍ର, ନଗରପଡ଼ା ଗୋଷ୍ଠୀକେନ୍ଦ୍ର, ତଳକୋରୁଆ ଗୋଷ୍ଠୀ କେନ୍ଦ୍ର, ତିକନପୁର ଯେନାସାହି ଅଙ୍ଗନୱାଡ଼ି କେନ୍ଦ୍ର, ଜିରାଳ ଅଙ୍ଗନୱାଡ଼ି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ରାଜେଶ ଦାସ, ସୁଜାତା ରାଉତରାୟ, ପ୍ରକାଶ ସାହୁ ଓ ଗୋକୁଳାନନ୍ଦ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ■ ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ ବୈଠକ

# ୧୫୨ ବିଦ୍ୟାଳୟ ପାଇଁ ୬୩ ଲକ୍ଷ ଟଙ୍କା ମଞ୍ଜୁରି

**କେନ୍ଦ୍ରାପଡା ଅଫିସ, ୪।୧୧**

ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ କମିଟିର ସମୀକ୍ଷା ବୈଠକ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋଟ ୧୫୨ଟି ବିଦ୍ୟାଳୟକୁ ୨ଟି ପର୍ଯ୍ୟାୟରେ ୬୩ ଲକ୍ଷ ଟଙ୍କା ପ୍ରଶାସନ ପକ୍ଷରୁ ମଞ୍ଜୁରି ଦିଆଯାଇଛି। ଜିଲାପାଳ ଦାଶରଥି ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକର ପ୍ରଥମ ପର୍ଯ୍ୟାୟରେ ୧୧୬ ହାଇସ୍କୁଲ ପାଇଁ ୪୯ଲକ୍ଷ ୬୧ହଜାର ୪୯୨ଟଙ୍କା ଓ ୨ୟ ପର୍ଯ୍ୟାୟରେ ୩୬ ସ୍କୁଲ ପାଇଁ ୧୪ଲକ୍ଷ ୧୬୬ ଟଙ୍କାର ଅନୁଦାନ ମଞ୍ଜୁରି ଦିଆଯାଇଥିଲା। ଏଥିସହ ବିଦ୍ୟାଳୟଗୁଡିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଉପଜିଲାପାଳ ତଥା ସର୍ବଶିକ୍ଷା ଅଭିଯାନର ଡିପିସି ସଞ୍ଜୟ କୁମାର ମିଶ୍ର, ଡିଇଓ କଳ୍ପନା ବେହେରା, ଡିଆଇଇଟି ଅଧକ୍ଷା ମୀନତୀ ମହାପାତ୍ର ଓ ଜିଲା ବିଜ୍ଞାନ ପରିଦର୍ଶକ ଅଭୟ ପ୍ରତିହାରୀ ପ୍ରମୁଖ ଯୋଗଦେଇଥିଲେ।

# ଭାଜପାରେ ଯୋଗଦେଲେ ବିଜେଡି, କଂଗ୍ରେସ କର୍ମୀ



ନୂତନ ଭାବେ ଭାଜପାରେ ଯୋଗଦେଇଥିବା କର୍ମୀ ଓ ଅନ୍ୟମାନେ।

**ଡେରାବିଶ, ୪।୧୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ୧୩ ନଂ. ଜୋନ ଭାଜପା ପକ୍ଷରୁ ମଙ୍ଗଳପୁରଠାରେ ରବିବାର କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବେଣୀପୁର, ରଘୁଦେଇପୁର, ଛୋଟି, ମଙ୍ଗଳପୁର, ନହଙ୍ଗ ଓ କୁରୁଜଙ୍ଗା ପଞ୍ଚାୟତର ୪୦ଜଣ କଂଗ୍ରେସ ଓ ବିଜେଡି କର୍ମୀ ଭାଜପାରେ ଯୋଗଦେଇଥିଲେ। ବରିଷ୍ଠ ନେତା ସରୋଜକାନ୍ତ ବିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଭୁବନ ମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ଉତ୍କଳକେଶରୀ ପରିଡା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଉମାକାନ୍ତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ କହିଥିଲେ। ସ୍ଥାନୀୟ ଅଞ୍ଚଳରେ ଶାସନ ଦଳର ନେତୃବୃନ୍ଦ ବିକାଶ ନାମରେ ଉନ୍ନୟନ ଅର୍ଥ ଲୁଟ୍ କରୁଥିବା ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ତେବେ ରାଜ୍ୟ ସରକାରଙ୍କ ବିରୋଧରେ ଆସନ୍ତା ୮ତାରଖରେ ହେବାକୁଥିବା ବିକ୍ଷୋଭ ସମାବେଶରେ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗଦେବାକୁ ବିଧାୟକ ପରିଡ଼ା କହିଥିଲେ। ଅନ୍ୟମାନଙ୍କ ମଧରେ ଜୋନ ସଭାପତି ଅଶୋକ କୁମାର ସାହୁ, କରୁଣାକର ସାହୁ, ପ୍ରଶାନ୍ତ ସାମଲ, ହେମନ୍ତ ଦାସ, ଶରତ କର, ମନିନ୍ଦ୍ର ମଲ୍ଲିକ, ରବୀନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ବେହେରା, ବରୋଦା ପ୍ରସାଦ କୁଣ୍ଡୁ, ବିକ୍ରମ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଦଳରେ ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଶ୍ୱ ହକି ଟୁର୍ନାମେଣ୍ଟ ମାସ୍କଟ ରାଲିକୁ ସ୍ୱାଗତ

**କେନ୍ଦ୍ରାପଡା ଅଫିସ, ୪।୧୧**



ମାସ୍କଟ ଟିମ୍ ସହ ଜିଲାପାଳ ଦାଶରଥି ଶତପଥୀ ଓ ଅନ୍ୟମାନେ।

ବିଶ୍ୱ ହକି ଚାମ୍ପିୟନ ଟୁର୍ନାମେଣ୍ଟ ଆସନ୍ତା ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଓଡିଶାରେ ଅନୁଷ୍ଠିତ ହେବ। ଏହାର ପ୍ରଚାର ଓ ପ୍ରସାର ପାଇଁ ଆୟୋଜକ ଓଡିଶା ହକି ଦଳର ମାସ୍କଟ ଓଲି ଏବଂ ଏକ ସାଇକେଲ ଅଭିଯାତ୍ରୀ ଦଳ ରାଜ୍ୟର ବିଭିନ୍ନ ସ୍ଥାନରେ ରାଲି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଅଭିଯାତ୍ରୀ ଦଳ ରବିବାର କେନ୍ଦ୍ରାପଡା ଜିଲାରେ ପହଞ୍ଚିଥିଲେ। ସେଠାରେ ଏହି ଦଳଙ୍କୁ ଜିଲା ପ୍ରଶାସନ, ରାଜନେତା ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ସଭାରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ଜିଲାପାଳ ଦାଶରଥି ଶତପଥୀ, କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା ପ୍ରମୁଖ ଯୋଗଦେଇ ଦଳକୁ ସ୍ୱାଗତ କରିଥିଲେ। ରାଜ୍ୟ ସରକାରଙ୍କ ଏହା ଏକ ସଫଳ ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଜିଲା ଜରୁରିକାଳୀନ ଅଧିକାରୀ ନମିତା ବାରିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ସହକାରୀ ଜିଲାପାଳ ସୋନମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ଜଗତ୍‌ସିଂହପୁରରୁ ଜିଲାରୁ ଏହି ଅଭିଯାତ୍ରୀ ଦଳ ବାହାରି ଶନିବାର ଅପରାହ୍ଣ ପ୍ରାୟ ସାଢେ ୪ଟା ସମୟରେ କେନ୍ଦ୍ରାପଡା ଜିଲାର ନୀଳାଞ୍ଚଳ ବଜାରରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ରାପଡା ବିଡିଓ ଚନ୍ଦ୍ରକାନ୍ତ ମଲ୍ଲିକ, ଯୁବନେତା ରାଜେଶ ଦାସଙ୍କ ସମେତ ବହୁ କ୍ରୀଡାପ୍ରେମୀ ଦଳକୁ ସ୍ୱାଗତ କରିଥିଲେ।

# ନାବାଳିକାଙ୍କୁ ଗଣବଳାତ୍କାର

**କେନ୍ଦ୍ରାପଡା ଅଫିସ, ୪।୧୧**

ଟାଉନ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗତ ଶୁକ୍ରବାରଭଡାଘରୁ ଡାକିନେଇ ୨ଜଣ ବ୍ୟକ୍ତି ଗଣବଳାତ୍କାର କରିଛନ୍ତି। ଏନେଇ ପୀଡିତା ରବିବାର ପୂର୍ବାହ୍ଣରେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଜଣେ ଯୁବକ ଓ ତାଙ୍କ କାର ଡ୍ରାଇଭରଙ୍କ ସମ୍ପୃକ୍ତି ଥିବା ନେଇ ପୀଡିତା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଯୁବକଙ୍କୁ ସେ ପୂର୍ବରୁ ଚିହ୍ନିଥିଲେ।

ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ସମ୍ପୃକ୍ତ ଯୁବକ ପୀଡିତାଙ୍କୁ ଫୋନ କରିଥିଲେ। ଏକ ଜରୁରୀ କାର୍ଯ୍ୟ ଥିବା ଦର୍ଶାଇ ତାଙ୍କୁ ଘରୁ ବାହାରକୁ ଆସିବାକୁ କହିଥିଲେ। ନାବାଳିକା ଜଣକ ବିଶ୍ୱାସରେ ଘରୁ ପଦାକୁ ଆସିବା ପରେ ଯୁବକ ଓ ତାଙ୍କ କାର ଡ୍ରାଇଭର ମିଶି ପୀଡିତାଙ୍କୁ ଅପହରଣ କରି ଯୁବକଙ୍କ ଘରକୁ ନେଇ ବଳାତ୍କାର କରିଥିଲେ। ପରେ ଅଭିଯୁକ୍ତମାନେ ପୀଡିତାଙ୍କୁ ଭୁବନେଶ୍ୱର ନେବାକୁ ଉଦ୍ୟମ କରିଥିଲେ। ମାତ୍ର ନାବାଳିକା ଜଣକ ଏଥିରେ ବାଧା ଦେବାରୁ ସେମାନେ ତାଙ୍କୁ କାର ଯୋଗେ ଆଣି ଘର ନିକଟରେ ଛାଡି ଚାଲିଯାଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ତପନ କୁମାର ନାୟକ କୁହନ୍ତି, ଏନେଇ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଆଜି ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ

**ଆଳି,୪।୧୧(ଡି.ଏନ୍.ଏ.)**

ବ୍ଲକରେ ହେଉଥିବା ବିଭିନ୍ନ ଦୁର୍ନୀତି ଓ ଅନ୍ୟାନ୍ୟ ସମସ୍ୟାକୁ କେନ୍ଦ୍ର କରି ଆଳିରେ ଭାଜପା ପକ୍ଷରୁ ସୋମବାର ପୂର୍ବାହ୍ଣରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏନେଇ ଆଳି ଭାଜପା ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ବ୍ଲକର ଅନେକ ଲୋକ ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହେଉଥିବା ବେଳେ ବିଭିନ୍ନ ଦୁର୍ନୀତିକୁ ବିରୋଧକରି ଏହି ଘେରାଉ କରାଯିବ ବୋଲି ସେଥିରେ ଦର୍ଶାଯାଇଛି।

# ଟ୍ରାଇ ସାଇକେଲରେ ଭାରତ ଭ୍ରମଣକାରୀଙ୍କୁ ସମ୍ବର୍ଦ୍ଧନା



ଦିବ୍ୟାଙ୍ଗ ଅରବିନ୍ଦ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପଟ୍ଟାମୁଣ୍ଡାଇ, ୪।୧୧ (ସ୍ୱ.ପ୍ର)**

ସଚେତନତା ସୃଷ୍ଟି କରିବା ନିମନ୍ତେ ଟ୍ରାଇ ସାଇକେଲରେ ଭାରତ ଭ୍ରମଣ ପାଇଁ ବାହାରିଥିବା ବିହାର ପାଟଣା ଅଞ୍ଚଳଙ୍କର ଦିବ୍ୟାଙ୍ଗ ଅରବିନ୍ଦ କୁମାର ମିଶ୍ରଙ୍କୁ ଶନିବାର ପଟ୍ଟାମୁଣ୍ଡାଇଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ୨୦୦୮ରୁ ଭାରତ ଭ୍ରମଣରେ ବାହାରିଥିବା ଅରବିନ୍ଦ ୨ମାସ ପୂର୍ବେ ପୁରୀରେ ପହଞ୍ଚିଲେ। ସେଠାରୁ ଓଡ଼ିଶା ଭ୍ରମଣ ନିମନ୍ତେ ବାହାରିଛନ୍ତି। ସେ ବିଭିନ୍ନ ସ୍ଥାନରେ ଅଟକି କନ୍ୟାଭ୍ରୁଣ ହତ୍ୟା, ସଡ଼କ ସଚେତନତା, ପୋଲିଓମୁକ୍ତ ଭାରତ, ନିଶା ନିବାରଣ ଆଦି ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି। ତେବେ ଶନିବାର ଅରବିନ୍ଦ ପଟ୍ଟାମୁଣ୍ଡାଇରେ ପହଞ୍ଚିବା ପରେ ସ୍ଥାନୀୟ ମାରୁତି ଟ୍ୟୁଟୋରିଆଲ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ଶିବପ୍ରସାଦ ସାମନ୍ତରାୟ, ଅଧାପକ ସୁରେଶ କୁମାର ସାହୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧରେ ଟିଉଟୋରିଆଲ୍‌ର ଅଧକ୍ଷ ସଦାଶିବ ଜେନା, ପ୍ରମୋଦ କୁମାର ବାରିକ, ଅଜୟ ନାୟକ, ମୈତ୍ରୀଭଳଙ୍କ ସମେତ ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ■ ପଟ୍ଟାମୁଣ୍ଡାଇ କେନାଲ ନବୀକରଣ ଘଟଣା

# ବଢ଼ିଚାଲିଛି ବ୍ୟୟ ଅଟକଳ, କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ

**କେନ୍ଦ୍ରାପଡା ଅଫିସ, ୪।୧୧**

■ ବ୍ୟୟ ଅଟକଳଠାରୁ ଅଧିକ ୪୫ ପ୍ରତିଶତ ଖର୍ଚ୍ଚ ହୋଇଛି
■ ଟଙ୍କା ହେରଫେର ଅଭିଯୋଗ
■ ଅବଧି ଶେଷ ପରେବି ଚାଲିଛି ଖର୍ଚ୍ଚ

ପଟ୍ଟାମୁଣ୍ଡାଇ କେନାଲ ନବୀକରଣ ସହ ଏଠାରେ ବିଭିନ୍ନ ପ୍ୟାକେଜ ନିର୍ମାଣ ପାଇଁ ହୋଇଥିବା ବ୍ୟୟ ଅଟକଳ ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ଗତ ଏପ୍ରିଲରେ ଏହାର କେତୋଟି ପ୍ୟାକେଜର ନିର୍ମାଣ ପାଇଁ ନିର୍ଦ୍ଧାରିତ ହୋଇଥିବା ଅବଧି ଶେଷ ହୋଇଛି। ମାତ୍ର ଠିକାସଂସ୍ଥା ଓ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେଇ ଖର୍ଚ୍ଚ ବଢାଇ ଚାଲିଛନ୍ତି। ପୂର୍ବରୁ ହୋଇଥିବା ବ୍ୟୟ ଅଟକଳଠାରୁ ଏବେ ଅଧିକ ୪୫ ପ୍ରତିଶତ ଖର୍ଚ୍ଚ ହୋଇଥିବା ନେଇ ବିଲ କରାଯିବା ସହ ବ୍ୟାପକ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀ, ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲର ପ୍ୟାକେଜ ନଂ୫ରେ ୨୮.୮୫ କିଲୋମିଟରରୁ ୩୭.୯୪ କିଲୋମିଟର ପର୍ଯ୍ୟନ୍ତ ନବୀକରଣ ପାଇଁ ଚୁକ୍ତିନାମା ହୋଇଥିଲା। ଏନେଇ ସେତେବେଳେ ୫ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ତେବେ ଚୁକ୍ତିନାମା ସମୟରେ ଏହି ବ୍ୟୟ ଅଟକଳ ଅଧିକ ୧୦ ପ୍ରତିଶତ ବୃଦ୍ଧି ପାଇଥିଲା। ଫଳରେ ମୋଟ ବ୍ୟୟ ଅଟକଳ ୬ କୋଟି ୫୩ ଲକ୍ଷ ୮୩ ହଜାର ଟଙ୍କାରେ ପହଞ୍ଚିଥିଲା। ଏହି ଚୁକ୍ତିନାମା ଅନୁଯାୟୀ, ନବୀକରଣ ସମୟରେ କେନାଲ ଶଯ୍ୟାରେ ଥିବା ବାଲି ମାଟି ଉଠାଇବା ଓ ପ୍ରାୟ ୫ କିଲୋମିଟର ଦୂରରୁ ମାଟି ଆଣି ବନ୍ଧକୁ ସୁଦୃଢ଼ୀକରଣ କରିବା ପାଇଁ ସ୍ଥିର କରାଯାଇଥିଲା। ତେବେ ପ୍ରକଳ୍ପର ଠିକାଦାର କେନାଲ ମଧ୍ୟରେ ଥିବା ବାଲିମାଟି ଓ ବନ୍ଧ ନିକଟରେ ଥିବା ନୟନଜୋରୀରୁ ମାଟି ଉଠାଇ ବନ୍ଧରେ ପକାଇଥିବା ନେଇ ସେତେବେଳେ ଅଭିଯୋଗ ହୋଇଥିଲା। ଏହି ମାଟି ଉଠା ବାବଦରେ ୨ କୋଟି ୪୩ ଲକ୍ଷ ଟଙ୍କା ଓ ବନ୍ଧର ଓଏମସି କମ୍ପାକସନ ବାବଦରେ ୪୬ ଲକ୍ଷ ଟଙ୍କା ବିଲ କରାଯାଇଛି। ସେହିପରି ବନ୍ଧରେ ଘାସ ଲଗାଇବା ବାବଦ ୨୦ ଲକ୍ଷ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏହିଭଳି ଭାବେ ଏବେ ଉକ୍ତ ବ୍ୟୟ ବୃଦ୍ଧି ପାଇ ୮ କୋଟି ୧୬ ଲକ୍ଷ ୮୬ ହଜାର ଟଙ୍କାରେ ପହଞ୍ଚି ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ବିଭାଗୀୟ ଅଧିକାରୀ ଠିକାସଂସ୍ଥାର କାର୍ଯ୍ୟଶୈଳୀ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




## ସଂକ୍ଷେପରେ

### ଗାଡ଼ି ଜବତ, ଜରିମାନା ଆଦାୟ

**କଳିଙ୍ଗନଗର, ୪।୧୧(ଡି.ଏନ୍.ଏ.):** ଦାନଗଦୀ ତହସିଲଦାର ଶନିବାର ପଙ୍କପାଳଠାରେ ଚଢ଼ାଉ କରି ୩ଟି ଗାଡି ଜବତ କରିବା ସହ ୯୫ ହଜାର ଜରିମାନା ଆଦାୟ କରାଯାଇଛି। ଜବତ ଗାଡିଗୁଡିକ ମଧ୍ୟରୁ ୩ଟି ଚିପ୍ସ ବୋଝାଇ ହାଇୱା, ୧ଟି ବାଲି ବୋଝେଇ ହାଇୱା ଓ ବାଲି ବୋଝେଇ ଟ୍ରକ୍ ଜବତ ରହିଥିବା ତହସିଲଦାର ବୁଲବୁଲ ବେହେରା ସୁଚନା ଦେଇଛନ୍ତି।

### ଶହୀଦ ଅଯ୍ୟସକାନ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଚଣ୍ଡିଖୋଲ, ୪।୧୧(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବରପଦା ଗ୍ରାମର ଶହୀଦ ଅଯ୍ୟସକାନ୍ତ ପରିଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ରବିବାର ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏହି ଅବସରରେ ବରପଦାଠାରେ ଯୁଗାନ୍ତର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲେ। ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଶୁଭେନ୍ଦୁ ମହାନ୍ତି, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, କିଶୋର ଚନ୍ଦ୍ର ଦାସ, ଉମାକାନ୍ତ ବଳ, ଭାଗ୍ୟଧର ସାହୁ, ରତିକାନ୍ତ ପ୍ରଧାନ, ଅଜୟ କୁମାର ସାମଲ, ଫକୀର ମୋହନ ବଳ, ଲୋକନାଥ ସାମଲ, ସୁରମୋହନ ମହାପାତ୍ର ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିବା ସହ ପ୍ରତିମୂର୍ତ୍ତି ଉନ୍ମୋଚିତ କରିଥିଲେ।

# ଇଟା ମାଫିଆଙ୍କ କବ୍‌ଜାରେ ଖରସ୍ରୋତା

**ବିଞ୍ଝାରପୁର,୪।୧୧(ଡି.ଏନ.ଏ)**

ବିଞ୍ଝାରପୁର ତହସିଲ ଅଞ୍ଚଳରେ ସରକାରୀ ସଇରାତ ଲୁଟ ହେଉଥିଲା ବେଳେ ଏବେ ଖରସ୍ରୋତା ନଦୀ ଇଟା ମାଫିଆଙ୍କ କବ୍‌ଜାରେ ରହିଛି । ହେଲେ ପ୍ରଶାସନ ସବୁ ଦେଖି ନୀରବ ରହିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଶାସନ ଓ ଇଟା ମାଫିଆଙ୍କ ସଲାସୁତରାରେ ସରକାରୀ ସଇରାତ ଲୁଟ୍ କରାଯାଇ ମାଲାମାଲ ହେବାକୁ ଉଦ୍ୟମ ଆରମ୍ଭ ହୋଇଛି ଜଣାପଡିଛି । ଖରସ୍ରୋତା ନଦୀକୁ ବିଞ୍ଝାରପୁର ଅଞ୍ଚଳର ଜୀବନରେଖା କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରତିବର୍ଷ ସରକାର ଖରସ୍ରୋତା ନଦୀବନ୍ଧ ଉନ୍ନତୀକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ଇଟା, ବାଲି ଓ ମାଟି ମାଫିଆଙ୍କ ପାଇଁ ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି । ଖବର ମୁତାବକ ବାଙ୍ଗରାଠାରୁ ଗୁହାଳି ପର୍ଯ୍ୟନ୍ତ ଥିବା ଖରସ୍ରୋତା ନଦୀବନ୍ଧ ସଂଲଗ୍ନରେ ମାଫିଆରାଜ ଚାଲିଥିବା ଜଣାପଡିଛି । କିଏ ନଦୀବନ୍ଧ ସଂଲଗ୍ନରୁ ମାଟି ତାଡି ନେଲେଣି ତ ଆଉ କିଏ ନଦୀବନ୍ଧ କାଟି ଅସ୍ଥାୟୀ ଗଡାଣି କରି ନଦୀରୁ ବେଆଇନ ବାଲି ଉଠାଇ ମୁନାଫା କରିବାରେ ବ୍ୟସ୍ତ । ସରକାରୀ ନିୟମ ଅନୁସାରେ ପରିବେଶର ସୁରକ୍ଷା ପାଇଁ ମାଟି ପୋଡାଯାଇ ଇଟା ତିଆରି କରିବାରେ ସମ୍ପୂର୍ଣ୍ଣ କଟକଣା ରହିଛି। ହେଲେ ମାଫିଆମାନେ ସରକାରୀ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଛନ୍ତି। ଏହାଦ୍ୱାରା ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିଲା ବେଳେ ଖରସ୍ରୋତା ନଦୀବନ୍ଧ ଦିନକୁ ଦିନ ଦୁର୍ବଳ ହୋଇପଡୁଛି । ଏ ସମ୍ପର୍କରେ ବିଞ୍ଝାରପୁର ତହସିଲଦାର ଶୁଭ୍ରବାଳା ବେହେରାଙ୍କୁ ପଚାରିବାରେ, ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ଖୁବ୍‌ଶୀଘ୍ର ଇଟା, ବାଲି, ମାଟି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି ।

**ପ୍ରଶାସନ ନୀରବ**



# ବିଜେଡି ପଦଯାତ୍ରାରେ ବିଧାୟକଙ୍କ ସହ ବୁଲିଲେ ଶିକ୍ଷକ

**ରସୁଲପୁର,୪।୧୧(ଡିଏନଏ)**

ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକ ଅଧୀନସ୍ଥ କଲଣ ପଞ୍ଚାୟତରେ ଶନିବାର ଅନୁଷ୍ଠିତ ଏକ ବିଜେଡି ପଦଯାତ୍ରାରେ ଜଣେ ଶିକ୍ଷକଙ୍କୁ ଦେଖିବାକୁ ମିଳିଥିଲା। ଶିକ୍ଷକ ଉମେଶ ସାହୁଙ୍କ ଘର କଲଣ ପଞ୍ଚାୟତର ପାଇକରାପୁର ଗ୍ରାମରେ ବୋଲି ଜଣାପଡିଛି। ସେ ଟିକରପଡା ପଞ୍ଚାୟତ ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି। ସେ ଚାକିରିରେ ଥାଇ ବି ଦଳୀୟ କାର୍ଯ୍ୟକ୍ରମରେ ସିଧାସଳଖ ଭାବେ ସାମିଲ ହେଉଛନ୍ତି । ଫଳରେ ଶିକ୍ଷାଦାନରେ ବାଧା ଉପୁଜୁଥିବା ଅଭିଯୋଗ ହେଉଛି। ଶିକ୍ଷକଙ୍କର ଏତାଦୃଶ କାର୍ଯ୍ୟଶୈଳିକୁ ସାଧାରଣରେ ନାପସନ୍ଦ କରାଯାଇଛି ।

ସୂଚନା ଯେ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ କଲଣ ପଞ୍ଚାୟତରେ ବିଜେଡି ପଦଯାତ୍ରା କରିବା ସହ ପଥପ୍ରାନ୍ତ ସଭା କରିଥିଲେ । ପଦଯାତ୍ରାରେ ଶିକ୍ଷକ ସାହୁ ବିଧାୟକଙ୍କ ସହ ସାମିଲ ହୋଇ ସଭାସ୍ଥଳରେ ଦଳୀୟ କର୍ମୀଙ୍କୁ ଜଳଖିଆ ପ୍ୟାକେଟ ବାଣ୍ଟିଥିବା ଦେଖିବାକୁ ମିଳିଥିଲା। ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି। କେତେଜଣ ବ୍ୟକ୍ତି ଏ ନେଇ ଜିଲା ଶିକ୍ଷାଧିକାରୀଙ୍କୁ ଫୋନ ଯୋଗେ ଅଭିଯୋଗ କରିଛନ୍ତି। ଶିକ୍ଷକ ସାହୁଙ୍କ ଭଳି ଏହି ବ୍ଲକ ଅଞ୍ଚଳର ବହୁ ଅଧ୍ୟାପକ ଓ ଶିକ୍ଷକ ସିଧାସଳଖ ଦଳୀୟ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିବା ଅଭିଯୋଗ ହେଉଛି। ଏ ନେଇ ଶିକ୍ଷକ ସାହୁଙ୍କୁ ପଚାରିବାରୁ, ସେ ପଦଯାତ୍ରାରେ ବୁଲିଥିବା ସ୍ୱୀକାର କରିଛନ୍ତି। ତାଙ୍କୁ ପଞ୍ଚାୟତ ତରଫରୁ ସରପଞ୍ଚ ଏହି ଦାୟିତ୍ୱ ପ୍ରଦାନ କରିଥିଲେ। ଅନିଚ୍ଛା ସତ୍ତ୍ୱେ ଏହି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ବୋଲି କହିଛନ୍ତି।

## ମଦ ଜବତ, ୧ ଗିରଫ

**ଜେନାପୁର, ୪।୧୧(ଡି.ଏନ୍.ଏ.)**

ଜେନାପୁର ଥାନା ପୋଲିସ ରବିବାର ବେଆଇନ ମଦ କାରବାରରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଜେନାପୁର ଥାନା ଅନ୍ତର୍ଗତ ଶୁଣ୍ଡୀସାହି ଗ୍ରାମର ଗୋପବନ୍ଧୁ କବି (୪୨) । ଏ ନେଇ ପୋଲିସ ଏକ ମାମଲା (୨୬୩/୧୮) କରି ଗୋପବନ୍ଧୁଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ କହିଛନ୍ତି। ଚଢ଼ାଉବେଳେ ପୋଲିସ ୩୧ ବୋତଲ ବିଦେଶୀ ମଦ ଜବତ କରିଛି।

■ ନୂତନ ସିମେଣ୍ଟ କାରଖାନା ପ୍ରତିଷ୍ଠାକୁ ବିରୋଧ

# ଶିଳାନ୍ୟାସ ସ୍ଥଳରେ ଧାରଣା ଦେଲେ ଗ୍ରାମବାସୀ

**କଳିଙ୍ଗନଗର, ୪।୧୧(ଡି.ଏନ୍.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟେଙ୍ଗିନାଡ ସିମେଣ୍ଟ କାରଖାନା ପ୍ରତିଷ୍ଠାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ରବିବାର ଶିବ ଦାସ ଓ କ୍ଷେତ୍ରବାସି ଦାସଙ୍କ ନେତୃତ୍ୱରେ ଗ୍ରାମର ୪ ଶହରୁ ଊର୍ଦ୍ଧ୍ୱ ଯୁବତୀଯୁବକ କମ୍ପାନୀ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରାଯାଇଥିବା ସ୍ଥାନରେ ଧାରଣା ଦେଇଥିଲେ। ପୂର୍ବରୁଥିବା ଭିସାଷ୍ଟିଲ, ଜିନ୍ଦଲ ଓ କେଜେ ଇସ୍ପାତ କାରଖାନା ଦ୍ୱାରା ପାର୍ଶ୍ୱବର୍ତ୍ତୀ ଯଖପୁରା ପଞ୍ଚାୟତର ଟାଙ୍ଗରସାହି, କୁଡୁମିସାହି ଓ ଚାନ୍ଦିଆ ପଞ୍ଚାୟତର ଅରା ସାହି ଲୋକେ ବିସ୍ଥାପିତ ହେବାକୁ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଛି। ଅଞ୍ଚଳରେ ପ୍ରଦୂଷଣ ବଢିବା ସହ ଅଞ୍ଚଳବାସୀ ବିଭିନ୍ନ ରୋଗରେ ପୀଡିତ ହେଉଥିବା ଅଭିଯୋଗ କରି ଆସୁଛନ୍ତି। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ପାରି ନାହିଁ। ଏଭଳି ସ୍ଥିତିରେ ପୁଣି ଏକ କାରଖାନା ପ୍ରତିଷ୍ଠାକୁ ଅଞ୍ଚଳବାସୀ ବିରାଧ କରିଛନ୍ତି। ପ୍ରଦୂଷଣର ଶିକାର ହେଉଥିବା ଗ୍ରାମବାସୀଙ୍କୁ ବିସ୍ଥାପିତ କରା ନ ଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।

# ଜନସମ୍ପର୍କ ପଦଯାତ୍ରା

**ଡୁବୁରୀ/କଳିଙ୍ଗନଗର, ୪।୧୧(ଡି.ଏନ୍.ଏ.)**

ସୁକିନ୍ଦା ନିର୍ବାଚନମଣ୍ଡଳୀ ଦାନଗଦୀ ବ୍ଲକ ଅନ୍ତର୍ଗତ ବାଙ୍ଗରକୋଟା ପଞ୍ଚାୟତରେ ରବିବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପଞ୍ଚାୟତର ବାଙ୍ଗରକୋଟା ଛକଠାରୁ ଡାହାଣିଗଡିଆ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସୁକିନ୍ଦା ବିଧାୟକ ପ୍ରିତୀରଞ୍ଜନ ଘଡାଇ ଯୋଗଦେଇ ଗ୍ରାମାଞ୍ଚଳର ଉନ୍ନତି ଦିଗରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଦାନଗଦୀ ବ୍ଲକ ଅଧ୍ୟକ୍ଷା ଲୋପାମୁଦ୍ରା ନାୟକ, ଉପାଧ୍ୟକ୍ଷ ସୁଧାଂଶୁ ଶେଖର ଭଞ୍ଜ, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ରାଉତ, ପ୍ରଭାତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୁବ ବିଜେଡି ସଭାପତି ମହେଶ୍ୱର ଗୁରୁ, ନରୋତମ ବେହେରା, ସୌମ୍ୟରଞ୍ଜନ ମହାପାତ୍ର, ମନୋଜ କୁମାର ବେହେରା, ମମତା ଦାଶ, ସରପଞ୍ଚ ଦ୍ୱାରିକାନାଥ ଦାସ, ସିଲୁ ନନ୍ଦି , ହଳଧର ନାୟକ, ସୁରେଶ କୁମାର ମହନ୍ତି, ଦିଲ୍ଲୀପ କୁମାର ପ୍ରଧାନ, ପାର୍ଥ ସାରଥୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।





"ଯେପରି ବ୍ୟାଧି ନାଶ ପାଇଁ ନିଦାନ ଓ ପଥ୍ୟ ଉଭୟ ଆବଶ୍ୟକ ସେହିପରି ଜୀବୋନ୍ମୁକ୍ତ ପାଇଁ ପରମେଶ୍ୱରଙ୍କ ଦର୍ଶନ ଓ ଭଜନ ଆବଶ୍ୟକ।

- ଚାଣକ୍ୟ



## ସଂକ୍ଷେପରେ

### ଶିଶୁ ମହୋତ୍ସବ ମହକ-୨୦୧୮ ଅନୁଷ୍ଠିତ



**ବିରଜାକ୍ଷେତ୍ର,୪।୧୧(ଡି.ଏନ୍.ଏ):** ଯାଜପୁରରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ'-୨୦୧୮ ମୃତ୍ତିକା ସଂରକ୍ଷଣ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିଶୁ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ସହକାରୀ ଜିଲାପାଳ କୁଳମଣି ନାୟକ ଯୋଗଦେଇ ଜିଲାର ଯତ୍ନ ଓ ସୁରକ୍ଷା ଲୋଡୁଥିବା ଶିଶୁ ଏବଂ ବିଶେଷ କରି ଶିଶୁ ଯତ୍ନ କେନ୍ଦ୍ରରେ ରହି ଜୀବନ ଗଢୁଥିବା ପିଲାଙ୍କ ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ପ୍ରତ୍ୟେକ ଶିଶୁ ନିଜ ଅଧିକାର ସାବ୍ୟସ୍ତ କରିବା ସହ ସମାଜରେ ନିଜର ପ୍ରତିଭାକୁ ମହକାଇବାରେ ସାହାଯ୍ୟ କରିବା ପାଇଁ ଶିଶୁ ମହୋତ୍ସବ ଉତ୍ତମ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ। ଯାଜପୁର ଜିଲାରେ କାର୍ଯ୍ୟ କରୁଥିବା ୫ଟି ଶିଶୁ ଯତ୍ନ କେନ୍ଦ୍ରର ଅନ୍ତେବାସୀଙ୍କୁ ନେଇ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିତର୍କ ଓ ସଙ୍ଗୀତକୁ ନେଇ ପିଲାଙ୍କ ମଧ୍ୟରେ ଜୁନିୟର ଓ ସିନିୟର ପ୍ରତିଯୋଗିତା ହୋଇଥିଲା। ବିତର୍କ ବିଭାଗ ପ୍ରତିଯୋଗିତାରେ ବଳଦେବଜୀଉ ସେବାଶ୍ରମ ଅଳକୁଣ୍ଡର ଅର୍ଚ୍ଚିତା ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ସଙ୍ଗୀତରେ ସମ୍ପୃକ୍ତ ଶିଶୁ ଯତ୍ନକେନ୍ଦ୍ର ପ୍ରଥମସ୍ଥାନ ଅଧିକାର କରିଥିଲା। ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆରଡିସିସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ। ଏହି ଶିଶୁ ମହୋତ୍ସବ କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପରିଚାଳନା କରିଥିବାବେଳେ ସମ୍ମାନିତ ଅତିଥିଭାବେ ଇନରହ୍ୱିଲ କ୍ଲବର ଯାଜ୍ଞସେନୀ ବେହେରା ଓ ସଙ୍ଗୀତଜ୍ଞ ଶରତ କୁମାର ସାହୁ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ମିହିର କୁମାର ଜେନା, ଅର୍ଚ୍ଚନା କୁମାରୀ ସାମନ୍ତ, କାଳୀପ୍ରସାଦ ସାହୁ, ଶିଶିର କୁମାର ମଲ୍ଲିକ, ପଦ୍ମଚରଣ ସାମନ୍ତରାୟ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ୫ଟି ଶିଶୁ ଯତ୍ନ କେନ୍ଦ୍ରର ୭୦ ଜଣ ଅନ୍ତେବାସୀ ଏହି ମହୋତ୍ସବରେ ଅଂଶଗ୍ରହଣ କରିଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କୋରେଇ,୪।୧୧(ସ୍ୱ.ପ୍ର.):** ରସୁଲପୁର ଶିକ୍ଷା ମଣ୍ଡଳ ଅଧୀନ ଜଗତପୁର ପ୍ରକଳ୍ପ ବିଦ୍ୟାଳୟର ଶିକ୍ଷକ ମୁକ୍ତିକାନ୍ତ ରଥଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ କ୍ଷୀରୋଦ କୁମାର ଦଳେଇ ସଭାପତିତ୍ୱ କରିଥିଲେ। ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର କର ମୁଖ୍ୟ ଅତିଥି, ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା ମୁଖ୍ୟବକ୍ତା, ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀ ଗୟାଧର ନନ୍ଦ ସମ୍ମାନିତ ଅତିଥି, ଅନନ୍ତ ଚରଣ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ସାହୁ, ବିରଞ୍ଚି ନାରାୟଣ ସାମନ୍ତରାୟ, ଏବିଇଓ ଭିକାରୀ ଚରଣ କବି, ସିଆରସିସି ବିଜୟ ଶତପଥୀ ପ୍ରମୁଖ ଯୋଗଦେଇଥିବା ବେଳେ ବିଜୟ କୁମାର ଭଦ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଞ୍ଜନ ଦାସ, ପ୍ରିୟଦର୍ଶିନୀ ନାୟକ ଓ ସାଧନ କେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ଶହୀଦ ଅଚ୍ୟୁତାନନ୍ଦ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

**ବିରଜାକ୍ଷେତ୍ର,୪।୧୧(ଡି.ଏନ୍.ଏ):** ଛତିଶଗଡ଼ ଦାନ୍ତେୱାଡ଼ାଠାରେ ନକ୍ସଲ ଗୁଳିରେ ଶହୀଦ ହୋଇଥିବା ଦୂରଦର୍ଶନର କ୍ୟାମେରାମ୍ୟାନ୍ ଓଡ଼ିଆ ପୁଅ ଅଚ୍ୟୁତାନନ୍ଦ ସାହୁଙ୍କ ବିୟୋଗରେ ଓଡ଼ିଶା ଖବରଦାତା ୟୁନିଅନ୍ ଯାଜପୁର ଜିଲା ଶାଖା ପକ୍ଷରୁ ଶନିବାର ଯାଜପୁର ସହରସ୍ଥିତ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଓଡ଼ିଶା ସାମ୍ବାଦିକ ୟୁନିଅନ୍‌ର ଯାଜପୁର ଜିଲାଶାଖା ସଭାପତି ସୁବାସ ଚନ୍ଦ୍ର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ୟୁନିଅନ୍ ରାଜ୍ୟ ଉପସଭାପତି ରାଜୀବ ମହାନ୍ତି, ବରିଷ୍ଠ ସଦସ୍ୟ ବିଜୟ ମହାନ୍ତି, ସମରଜିତ ମହାନ୍ତି, ଆଦିତ୍ୟ ମେକାପ, ନିରଞ୍ଜନ ପଣ୍ଡା, ବିରଜା ପାଣି, ଦିଲ୍ଲୀପ ଦାସ, ଅନୀଲ କୁମାର ପଣ୍ଡା, ସମର ବିଜୟ ଶରଣ, ଦେବାଶିଷ ସାହୁ, ମନୋଜ ରାୟ, ସୁରେନ୍ଦ୍ର ଜେନା ପ୍ରମୁଖ ଶହୀଦ ଅଚ୍ୟୁତାନନ୍ଦ ସାହୁଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶହୀଦ ସାହୁଙ୍କ ବିୟୋଗରେ ସଦସ୍ୟମାନେ କ୍ୟାଣ୍ଡେଲ ଧରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ।

## ■ ବ୍ରାହ୍ମଣୀ, ବୈତରଣୀ ଜଳ ହେଉଛି ବିଷାକ୍ତ

# ଉପନଦୀକୁ ଗ୍ରାସୁଛି ଖଣି ବର୍ଜ୍ୟ ଜଳ

**ଯାଜପୁର ଅଫିସ,୪।୧୧**

■ଡମଶାଳା, ସୋନା ଉପନଦୀରେ ମିଶୁଛି ଖଣି ବର୍ଜ୍ୟଜଳ

■ତ୍ୱରିତ ପଦକ୍ଷେପ ନେବାକୁ ଜଳ ସମ୍ପଦ ବିଭାଗ ଦେଇଥିଲେ ନିର୍ଦ୍ଦେଶ

■ଏଯାବତ୍ ହୋଇନି କାର୍ଯ୍ୟକାରୀ

ଖଣି ଅଞ୍ଚଳରୁ ପ୍ରବାହିତ ବିଭିନ୍ନ ଉପନଦୀର ମିଶ୍ରଣରେ ଯାଜପୁର ଜିଲା ଦେଇ ଯାଇଥିବା ପ୍ରସିଦ୍ଧ ବୈତରଣୀ ଓ ବ୍ରାହ୍ମଣୀ ଜଳ ବିଷାକ୍ତ ହେଉଛି। ବିଶେଷ କରି ରତ୍ନଗର୍ଭା ସୁକିନ୍ଦାର ଡମଶାଳା ନାଳା ଓ ଯୋଡା ଖଣି ଅଞ୍ଚଳର ସୋନା ଉପନଦୀ ଯୋଗୁ ବ୍ରାହ୍ମଣୀ, ବୈତରଣୀ ନଦୀଜଳ ବ୍ୟବହାର ଅନୁପଯୋଗୀ ହେଉଛି। ଏହି ଉପନଦୀ ଦ୍ୱୟ ନିକଟରେ ଗଢି ଉଠିଥିବା ବୃହତ୍ତ ଖଣି କମ୍ପାନୀ ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ଏପରିକି ଖଣି କମ୍ପାନୀଗୁଡ଼ିକ ମନଇଚ୍ଛା ଉପନଦୀଗୁଡିକର ପାଣି ବ୍ୟବହାର କରୁଥିବାରୁ ସରକାରଙ୍କ ନିର୍ଦ୍ଧାରିତ ନଦୀଜଳ ରାଜସ୍ୱ ଆଦାୟ ହୋଇ ପାରୁନାହିଁ। ଏହି ମର୍ମରେ ସୋନା ଉପନଦୀ ଉପରେ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଏକ ଅଭିଯୋଗକୁ ଭିତ୍ତି କରି ଗତ ସେପ୍ଟେମ୍ବର ଶେଷରେ ରାଜ୍ୟ ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ତାହା ଏଯାଏ କାର୍ଯ୍ୟକାରୀ ହେଇ ନ ଥିବା ଜଣାପଡିଛି।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ରିଟ୍ ପିଟିସନ ସଂଖ୍ୟା ୩୭୫/୨୦୧୨ରେ ପର୍ଯ୍ୟାବରଣ ସୁରକ୍ଷା ସମିତି ଓ କେନ୍ଦ୍ର ସରକାର ତଥା ଅନ୍ୟାନ୍ୟ ମାମଲାର ଶୁଣାଣି କରି ଗତ ୨୨।୨।୨୦୧୭ରେ ଏକ ରାୟ ପ୍ରକାଶ କରିଥିଲେ। ପ୍ରଦୂଷଣ ନିରାକରଣ ଓ ନିୟନ୍ତ୍ରଣ ଆଇନ ୧୯୭୪ ଅନୁଯାୟୀ ଏସ୍‌ପିସିବିଠାରୁ କାରଖାନା ଚଳାଇବା ପାଇଁ ସମ୍ମତିପତ୍ର ଆବଶ୍ୟକ କରୁଥିବା ସମସ୍ତ ଶିଳ୍ପସଂସ୍ଥା ସେମାନଙ୍କ ପ୍ରାଥମିକ ଇଟିପି (ଇନଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ)କୁ ୨୧।୫।୨୦୧୭ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବେ ବୋଲି ରାୟରେ ଦର୍ଶାଇଥିଲେ। ଏହି ତାରିଖ ସୁଦ୍ଧା ଇଟିପିଗୁଡିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନ ଥିଲେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସ୍‌ପିସିବି କର୍ତ୍ତୃପକ୍ଷ ସମ୍ପୃକ୍ତ ଶିଳ୍ପସଂସ୍ଥାଗୁଡ଼ିକୁ କାରଖାନା ଚଳାଇବାରୁ ବିରତ କରିବା ତଥା ବିଦ୍ୟୁତ ସଂଯୋଗ ଛିନ୍ନ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ବିହିତ ପଦକ୍ଷେପ ନେବେ ବୋଲି କହିଥିଲେ। ଏଭଳି ସ୍ଥିତିରେ ସରକାରୀ ଖଣି ସଂସ୍ଥା ହୋଇଥିବାରୁ ଓଏମ୍‌ସିର ସାଉଥ କାଳିଆପାଣି କ୍ରୋମାଇଟ ମାଇନ୍ସ ଓ ସୁକୁରଙ୍ଗି କ୍ରୋମାଇଟ ମାଇନ୍ସ ସହ ଆଇଡିସି ଖଣି ସଂସ୍ଥା ଗତ ଅଢେଇ ବର୍ଷ ହେଲା ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ(ଆଇବିଏମ)ର ପରାମର୍ଶ ଉପରେ ଗୁରୁତ୍ୱ ପ୍ରଦାନ କରୁନାହାନ୍ତି। ଏପରିକି ସୁପ୍ରିମକୋର୍ଟର ନିର୍ଦ୍ଦେଶ ମଧ କାର୍ଯ୍ୟକାରୀ ହୋଇପାରି ନାହିଁ। ସୁକିନ୍ଦା ଅଞ୍ଚଳର ସମସ୍ତ ଖଣି ସଂସ୍ଥା ଉନ୍ନତମାନର ଇଟିପି ଲାଗିଛି ବୋଲି କହୁଥିବାବେଳେ ବାସ୍ତବରେ ତାହା ନିୟମିତ ଓ ସଠିକ ଭାବେ ପରିଚାଳନା କରାଯାଉ ନାହିଁ। ଖଣି ଉପତ୍ୟକାରେ ବୋହି ଯାଉଥିବା ବର୍ଷା ପାଣିର ଉପଯୁକ୍ତ ପରିଚାଳନା ଅଭାବରୁ ଅଞ୍ଚଳବାସୀଙ୍କ ଜୀବନରେଖା ପରିଚିତ ଡମଶାଳା ଅଧିକ ବିଷାକ୍ତ ହେବାରେ ଲାଗିଛି। ଡମଶାଳାରୁ ବାହାରିଥିବା କ୍ଷୁଦ୍ରଜଳସେଚନ ପ୍ରକଳ୍ପ ପାଣି ମଧ ବିଷାକ୍ତ ହୋଇଥିବାରୁ ଚାଷ କାର୍ଯ୍ୟରେ ବ୍ୟବହାର ହୋଇ ପାରୁନାହିଁ। ଭୂତଳ ଜଳ ମଧ ଏଥିଯୋଗୁ ପ୍ରଦୂଷିତ ହୋଇ ପାନୀୟ ଅନୁପଯୋଗୀ ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ୨୦୧୪ ଏପ୍ରିଲରେ ହାଇକୋର୍ଟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ୨୦୧୪ ଡିସେମ୍ବର ୧୭ରୁ ୧୯ ମଧ୍ୟରେ ହାଇକୋର୍ଟ ରାୟକୁ ନେଇ ଆଇବିଏମ୍, ଏସ୍‌ପିସିବି ଓ ଯାଜପୁର ରୋଡ ମାଇନ୍ସର ବିଭାଗୀୟ ଅଧିକାରୀମାନେ ଏକ ଯୁଗ୍ମ ତଦନ୍ତ କରିଥିଲେ। ଇଡକଲର ତଳରଙ୍ଗୀ କ୍ରୋମାଇଟ ମାଇନ୍ସ, ଇମ୍ଫାର ସୁକିନ୍ଦା କ୍ରୋମାଇଟ ମାଇନ୍ସ ଓ ମହାଗିରି କ୍ରୋମାଇଟ ମାଇନ୍ସ, ଓଏମ୍‌ସିର ସାଉଥ କାଳିଆପାଣି କ୍ରୋମାଇଟ ମାଇନ୍ସ ଓ ସୁକୁରଙ୍ଗି କ୍ରୋମାଇଟ ମାଇନ୍ସ, ଜିନ୍ଦଲ ଷ୍ଟେନଲେସ ଷ୍ଟିଲର କାଳିଆପାଣି କ୍ରୋମାଇଟ ମାଇନ୍ସ ଓ ଆଇଡିସି ମାଇନ୍ସରୁ ବୋହି ଯାଉଥିବା ବର୍ଷାପାଣିର ଉପଯୁକ୍ତ ପରିଚାଳନା ଆଦୌ ହେଉ ନ ଥିବା ତଦନ୍ତରେ ଜଣାପଡିଥିଲା। ମାଇନିଂ ପ୍ଲାନର ବିଭିନ୍ନ ସର୍ତ୍ତଗୁଡିକୁ କୌଣସି ମାଇନ୍ସ ମାନୁ ନ ଥିବା ଦେଖିବାକୁ ମିଳିଥିଲା। ହେଲେ ଆଜି ଯାଏ ପ୍ରାୟ ସମସ୍ତ ଖଣି ସଂସ୍ଥା ବେଖାତିର ମନୋଭାବ ପୋଷଣ କରିଛନ୍ତି। ଫଳରେ ଖଣି ଅଞ୍ଚଳ ନିକେଲ ମିଶ୍ରିତ ବିଷାକ୍ତ ପାଣିରେ କବଳିତ ହୋଇଛି। ଏହି ଡମଶାଳା ନାଳା ବ୍ରାହ୍ମଣୀରେ ମିଶୁଥିବାରୁ ସେହି ନଦୀଜଳ ଆହୁରି ପ୍ରଦୂଷିତ ହେଉଥିବା ଅଭିଯୋଗ ହେଉଛି। ଖଣି ଅଞ୍ଚଳର ପିଲାଙ୍କଠାରୁ ଆରମ୍ଭ କରି ସମସ୍ତଙ୍କୁ କାଛୁକୁଣ୍ଡିଆ ବ୍ୟାପିଛି। ଏବେ କେତେକ ସାମାଜିକ କର୍ମୀ ଏନେଇ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବାକୁ ସଜବାଜ ହେଉଥିବା ଜଣାପଡିଛି। ସେହିପରି ବୈତରଣୀ ନଦୀର ଅନ୍ୟତମ ଉପନଦୀ ଯୋଡା ଖଣି ଅଞ୍ଚଳର ସୋନା ନଦୀ ଆହୁରି ବିପଦ କରୁଛି। କେନ୍ଦୁଝର ଜିଲାର ମାଲଦା, ଖଣ୍ଡବନ୍ଧରେ ଥିବା ଟାଟା ଷ୍ଟିଲ ଖଣିର ସମସ୍ତ ହେଭି ମେଟାଲ ମିଶ୍ରିତ ବର୍ଜ୍ୟଜଳ ସୋନା ନଦୀରେ ମିଶୁଛି। ଫଳରେ ସୋନା ନଦୀ ପାଣି ପ୍ରଦୂଷିତ ହେବା ସହ ଏଥିରେ ନିର୍ଭର କରୁଥିବା ପ୍ରାୟ ୧୦୦ ଖଣ୍ଡ ଗ୍ରାମବାସୀ ଅଧିକ ପ୍ରଭାବିତ ହେଉଛନ୍ତି। ଏଥିସହ ଏହି ନଦୀର ପାଣିକୁ ଟାଟା ଷ୍ଟିଲ ଖଣି ବେଆଇନ ଭାବେ ବ୍ୟବହାର କରୁଛି। ଏନେଇ ଚମ୍ପୁଆ ବିଧାୟକ ଅଭିଯୋଗ କରିବା ପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ବିଶ୍ୱମୋହନ ଆଚାର୍ଯ୍ୟ ତ୍ୱରିତ ପଦକ୍ଷେପ ନେବାକୁ ଜଳ ସର୍ଭିସ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି।

### ଗାଁ ସାଥୀ ସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ

**କୋରେଇ,୪।୧୧(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ ରଗଡିସ୍ଥିତ ମା' କାମୁଡେଇ ପୀଠରେ ରବିବାର ଗାଁ ସାଥୀ ସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶୋକ କୁମାର ବେହେରା ସଭାପତିତ୍ୱ କରିଥିଲେ। ସମ୍ପାଦକ ଅଶୋକ କୁମାର ମାଝି ବୈଠକ ସଞ୍ଚାଳନ କରି ଗାଁ ସାଥୀଙ୍କ ସମସ୍ୟା ଓ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ୩ମାସ ହେବ ସରକାରଙ୍କ ପକ୍ଷରୁ ଚିଠି କରାଯାଇଥିଲେ ମଧ ବ୍ଲକ ପ୍ରଶାସନ ଅଣଦେଖା କରିବା ଓ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡ଼ି ନୟାନ୍ତ ହେବା ସମ୍ପର୍କରେ ସଂଯୋଜକ ପ୍ରଶାନ୍ତ କୁମାର ଜେନା ଆଲୋଚନା କରିଥିଲେ। ଆସନ୍ତା ୧୦ ତାରିଖ ମଧ୍ୟରେ ବ୍ଲକ ପ୍ରଶାସନ ସେମାନଙ୍କ ଦାବି ନ ମାନିଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ସ୍ୱାଇଁ, ଅଶୋକ ମାଝି, ଶାନ୍ତନୁ ସେନାପତି, ରଘୁନାଥ ବେହେରା, ମମତା ସାହୁ, ଧବଳେଶ୍ୱର ସେଠୀ, ସୌଭାଗ୍ୟ ଜେନା, ଶିବଚରଣ ଜେନା, ନୃସିଂହ ଜେନା, ଅଭିରାମ ସାହୁ, ଲଳିତା ବାରିକ ସମେତ ଶତାଧିକ ଗାଁ ସାଥୀ ଯୋଗ ଦେଇଥିଲେ।

## କଂଗ୍ରେସରେ ମିଶିଲେ ପୂର୍ବତନ ଜିଲା ପରିଷଦ ଅଧକ୍ଷା



କଂଗ୍ରେସ ନେତାଙ୍କ ଗହଣରେ ରଞ୍ଜିତା ରାଉତ।

**ଯାଜପୁର ଅଫିସ,୪।୧୧**

ପୂର୍ବତନ ଜିଲା ପରିଷଦ ଅଧକ୍ଷା ରଞ୍ଜିତା ରାଉତଙ୍କ କଂଗ୍ରେସରେ ଯୋଗଦେବା ଯାଜପୁର ଜିଲା ବିଜେଡିକୁ ଶକ୍ତ ଧକ୍କା ଲାଗିଛି। ରବିବାର ରଞ୍ଜିତା ତାଙ୍କର ଶତାଧିକ ମହିଳା ସମର୍ଥକଙ୍କ ସହ ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ବିଜେଡି ଛାଡି କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ସେ ଜନତା ଦଳରୁ ୩୧ ନମ୍ବର ଜୋନରୁ ଜିଲାପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୦୭ ରୁ ୨୦୧୨ ପର୍ଯ୍ୟନ୍ତ ବିଜେଡିରୁ ୨୯ ନମ୍ବର ଜୋନରୁ ଜିଲା ପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇ ଅଧକ୍ଷା ପଦବୀ ପାଇଥିଲେ। ରଞ୍ଜିତା ଜଣେ ମହିଳା ସଂଗଠକ ଭାବେ ପରିଚିତ। ଯାଜପୁର ଓ ଦଶରଥପୁର ବ୍ଲକରେ ରଞ୍ଜିତାଙ୍କ ପ୍ରଭାବ ରହିଛି। କଂଗ୍ରେସରେ ସାମିଲ ହେବା ଅବସରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ରାଜ୍ୟ ମହିଳା ସଭାନେତ୍ରୀ ସୁମିତ୍ରା ଜେନା, କଂଗ୍ରେସ ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ସମ୍ପାଦକ ଶରତ ରାଉତ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ଜିଲା ମହିଳା କଂଗ୍ରେସ ନେତ୍ରୀ ଆରତି ସ୍ୱାଇଁ, ସନ୍ତୋଷ ନନ୍ଦ, ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରଞ୍ଜିତା ଗଣମାଧ୍ୟମକୁ କହିଛନ୍ତି ବିଜେଡିରେ ଏକଛତ୍ରବାଦ ଶାସନ ଚାଲିଛି। ଦୀର୍ଘଦିନ ହେଲା ତାଙ୍କୁ ବିଜେଡି ଅଣଦେଖା କରିଆସୁଛି। ଏଣୁ କଂଗ୍ରେସ ଆଦର୍ଶରେ ଅନୁପ୍ରାଣିତ ହୋଇ ଲୋକଙ୍କ ସେବା କରିବା ଉଦ୍ଦେଶ୍ୟରେ ସେ ଏଭଳି ପଦକ୍ଷେପ ନେଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ମତାମତ ପାଇଁ ତାଙ୍କୁ ବହୁବାର ଫୋନ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ।

### ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ

**ରସୁଲପୁର,୪।୧୧(ଡିଏନଏ)–** ରସୁଲପୁର ବ୍ଲକ ଅଧିନସ୍ଥ ପୁରାତନ ଶିକ୍ଷାନୁଷ୍ଠାନ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ (ମୁଗୁପାଳ କଲେଜ)ର ପୂଜାକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ସୁସ୍ମିତା ମିଶ୍ରଙ୍କ ଅଧକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କୁଆଖିଆ ଶାଖା ପରିଚାଳକ ରମଣୀ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଲକ୍ଷ୍ମୀନାରାୟଣ ସାହୁ, ଶିଦ୍ଧାର୍ଥ ଶଙ୍କର ରଥ, ପ୍ରଦୀପ କୁମାର ବଳ, ସୁରେନ୍ଦ୍ର କୁଅଁର, ବିଦ୍ଧୁଭୂଷଣ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କେଲେଜର ୧୬ଶହ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରତ୍ୟେକ ବର୍ଗରୁ ୨୦ଜଣ ପିଲାଙ୍କୁ ଚୟନ କରାଯାଇଥିଲା। ୬ଦିନ ବ୍ୟାପୀ ଶିବିରାର୍ଥୀମାନେ କଲେଜର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ କରିଥିଲେ। ପ୍ରୋଗ୍ରାମ ଅଫିସର ରବିନାରାୟଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁରେନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ। ଶିବିରର ଶେଷ ଦିନରେ ପିଲାମାନେ ସଡକ ସୁରକ୍ଷା, ପ୍ଲାଷ୍ଟିକକୁ ବର୍ଜନ, ମଦମୁକ୍ତ ଗାଁ ଗଠନ ଉପରେ ମୁଗୁପାଳ ପଞ୍ଚାୟତରେ ସଚେତନତା ଶୋଭାଯାତ୍ରା କରିଥିଲେ। ଶିବିରାର୍ଥୀଙ୍କ ମଧ୍ୟରେ ଗୀତ ଓ ତର୍କ ଆଦି ବିଷୟରେ ପ୍ରତିଯୋଗିତା ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ■ ଛାତ୍ରୀଙ୍କୁ କମେଣ୍ଟ ମରା ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ଡିପିଓଙ୍କୁ ଭେଟିଲେ ସାହି ମୁରବୀ

**ବିରଜାକ୍ଷେତ୍ର,୪।୧୧(ଡି.ଏନ୍.ଏ):** ଯାଜପୁର ସଦର ଥାନା ଜମଧର ହାଇସ୍କୁଲକୁ ପଢ଼ିବାକୁ ଯାଉଥିବା କେତେଜଣ ଛାତ୍ରୀଙ୍କୁ ସ୍ଥାନୀୟ ଅଞ୍ଚଳର ୪ଜଣ ଯୁବକ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ଏବଂ କମେଣ୍ଟ ମାରିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସାହିର ମୁରବୀମାନେ ସଦର ଥାନାରେ ଏସ୍‌ଡିପିଓଙ୍କୁ ରବିବାର ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରକାଶ ଯେ, ଜମଧର ପଞ୍ଚାୟତର ପାଣ୍ଡିଆ ଗୋପିନାଥପୁର ଅଞ୍ଚଳର ୪ଜଣ ଯୁବକ ଜମଧର ହାଇସ୍କୁଲକୁ ପଢ଼ିବା ପାଇଁ ଯାଉଥିବା କେତେଜଣ ଛାତ୍ରୀଙ୍କୁ କ୍ରମାଗତ ଭାବେ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ଏବଂ କମେଣ୍ଟ ମାରିବାକୁ ନେଇ ଛାତ୍ରୀମାନେ ଅଭିଭାବକଙ୍କ ନିକଟରେ ପ୍ରକାଶ କରିଥିଲେ। ଏହା ଘଟଣା ଜଣାପଡ଼ିବା ପରେ ଉପର-ବରୁଆଁ ଗ୍ରାମର ସେକ୍ ମୋଜା ହେଦୋର ରସିଦ୍(୪୬) ଛାତ୍ରୀଙ୍କୁ କମେଣ୍ଟ ନ ମାରିବା ପାଇଁ ଉକ୍ତ ଯୁବକଙ୍କୁ ବାରଣ କରିଥିଲେ। ମାତ୍ର ୪ଜଣ ଯୁବକ ସେକ୍ ମୋଜା ହେଦୋର ରସିଦ୍‌ଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାରେ ରସିଦ୍ ଆହତ ହେବା ସହ ଗତ ୨ତାରିଖରେ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଇତି ମଧ୍ୟରେ ଦୁଇଦିନ ବିତି ଯାଇଥିଲେ ମଧ ସଦର ପୋଲିସ ଯୁବକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସାଇ ମୁରବୀ ରସୁଲ୍ ବକ୍ସ, ଅବଦୁଲ୍ ଜଲିଲ୍‌ଙ୍କ ନେତୃତ୍ୱରେ ଉପର ବରୁଆଁ ଅଞ୍ଚଳର କିଛି ବ୍ୟକ୍ତି ସଦର ଥାନାରେ ପହଞ୍ଚି ଏକ ମାମଲାରେ ତଦନ୍ତ କରିବାକୁ ଆସିଥିବା ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମଲ୍ଲଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏସଡିପିଓ ଶ୍ରୀ ମଲ୍ଲ ଘଟଣା ସମ୍ପର୍କରେ ଅବଗତ ହୋଇ ସାଇ ମୁରବୀଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପୃକ୍ତ ୪ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାଧିକାରୀ ଦୁଷ୍ମନ୍ତ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ କିଛିବର୍ଷ ତଳେ ଏହି ୪ଜଣ ଯୁବକ ସୁଜନପୁର ସ୍ଥିତ ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟରେ ଛାତ୍ରୀଙ୍କୁ କମେଣ୍ଟ ମାରିବା ସହ ଗଣ୍ଡଗୋଳ କରିଥିଲେ। ତତ୍କାଳୀନ ଥାନା ଅଧିକାରୀ ଆଲୋକ ରଞ୍ଜନ ରାୟ ସମ୍ପୃକ୍ତ ୪ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ। ପରେ ସାଇ ମୁରବୀଙ୍କ ହସ୍ତକ୍ଷେପ ଯୋଗୁ ଘଟଣା ସମାଧାନ ହୋଇଥିଲା। ଏବେ ପୁର୍ନବାର ଏହି ଯୁବକ ଜମଧର ଛକରେ ଦୀର୍ଘ ସମୟ ବସି କଲେଜ ଓ ସ୍କୁଲକୁ ଯାଉଥିବା ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗୀତ ପ୍ରଦର୍ଶନ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଦୁଷ୍ମନ୍ତ ନାୟକଙ୍କୁ ପଚାରିବାରେ, ଅଭିଯୋଗ ପାଇଲା ପରେ ତୁରନ୍ତ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ୪ଜଣ ଯୁବକଙ୍କୁ ଖୋଜିଥିଲେ ମଧ ସେମାନେ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଥାନାକୁ ଡକାଯାଇ ପାରି ନାହିଁ ବୋଲି ସଫେଇ ଦେଇଥିଲେ।

## ପୋଷ୍ଟର ଚିରାକୁ ନେଇ ଉତ୍ତେଜନା

**ବିଞ୍ଝାରପୁର,୪।୧୧(ଡି.ଏନ.ଏ):** ବିଞ୍ଝାରପୁର ଥାନା ସମ୍ମୁଖରେ ବିଜେଡି ପକ୍ଷରୁ ଲଗାଯାଇଥିବା ଦଳୀୟ ପୋଷ୍ଟରକୁ କେହି ଦୁର୍ବୃତ୍ତ ଚିରିଦେଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଖବର ଅନୁଯାୟୀ, ବିଞ୍ଝାରପୁର ଥାନା ସମ୍ମୁଖରେ ବିଜେଡି ପକ୍ଷରୁ ଦଳୀୟ ସମାବେଶକୁ ନେଇ ପ୍ରଚାରପ୍ରସାର ପାଇଁ ଏକ ପୋଷ୍ଟର ଲଗାଯାଇଥିଲା। ଏହି ପୋଷ୍ଟରକୁ ଶନିବାର ରାତିରେ କେହି ଦୁର୍ବୃତ୍ତ ଚିରି ଦେଇଥିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ଯୁବ ବିଜେଡି ସମ୍ପାଦକ ସୁଖରଞ୍ଜନ ପରିଡା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇଲା ପରେ ବିଞ୍ଝାରପୁର ପୋଲିସ ତଦନ୍ତ ଆରମ୍ଭ କରିଛି।

## ■ ଖାଲି ପଡ଼ିଛି ଥାନାଧିକାରୀ ପଦବୀ

# ଥାନାର ନବୀକରଣ ଉଦ୍ୟମ

**ବିରଜାକ୍ଷେତ୍ର,୪।୧୧(ଡି.ଏନ.ଏ)**

ଯାଜପୁର ଟାଉନ ଥାନା





■ଜଣେ ଭାରପ୍ରାପ୍ତ ଥାନାଧିକାରୀ, ୩ ଏସ୍‌ଆଇରେ ଚାଲିଛି ଥାନା

■ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

ଇଂରେଜ ଶାସନ ଅମଳରୁ ପ୍ରତିଷ୍ଠା ହୋଇଥିବା ଯାଜପୁର ଟାଉନ ଥାନାର ଗୁରୁତ୍ୱ ଯଥେଷ୍ଟ ଅଧିକ। ଅଥଚ ଏହି ଥାନାରେ ପୋଲିସ କର୍ମଚାରୀଙ୍କ ଅଭାବ ଦେଖିବାକୁ ମିଳୁଛି। ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଏହି ଥାନାର ନବୀକରଣ କରାଯିବାକୁ ଉଦ୍ୟମ କରାଯାଉଥିବା ଶୁଣିବାକୁ ମିଳୁଛି। ବିଡମ୍ବନା ଯେ, ୩ ମାସରୁ ଉର୍ଦ୍ଧ୍ୱ ହେବ ଏହି ଥାନାରେ ଥାନାଧିକାରୀ ପଦବୀ ଖାଲି ପଡିଛି। ଜଣେ ଭାରପ୍ରାପ୍ତ ଥାନାଧିକାରୀ ସହ ୩ଜଣ ଏସ୍‌ଆଇରେ ଥାନା ଚାଲିଛି। ହାତଗଣତି କନଷ୍ଟେବଳ ଓ ହୋମଗାର୍ଡ଼ଙ୍କୁ ନେଇ ବର୍ତ୍ତମାନର ଭାରପ୍ରାପ୍ତ ଥାନାଧିକାରୀ ଯାଜପୁର ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନାକେଦମ୍ ହୋଇପଡୁଥିବା ଦେଖିବାକୁ ମିଳୁଛି। ଜିଲା ସଦର ମହକୁମାର ଏହି ସହରରେ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା, ରାଜ୍ୟର ବରିଷ୍ଠ ମନ୍ତ୍ରୀ ଓ ପ୍ରଶାସକଙ୍କ ଘନଘନ ଗସ୍ତ, ରାଜ୍ୟର ହାଇକୋର୍ଟଠାରୁ ଆରମ୍ଭ କରି ବିଭିନ୍ନ ନ୍ୟାୟାଳୟର ଜଜ୍‌ମାନେ ଏହି ସହରକୁ ଗସ୍ତ କରୁଥିଲେ ହେଁ ଯାଜପୁର ଥାନାରେ ଆବଶ୍ୟକ ଅନୁଯାୟୀ ଅଫିସର ଓ କର୍ମଚାରୀଙ୍କ ଅଭାବ ଦେଖିବାକୁ ମିଳୁଛି। ହେଲେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରତ୍ୟେକ ଥାନାରେ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ ଥିଲେ ମଧ ଯାଜପୁର ଟାଉନ ଥାନାରେ ମାତ୍ର ୭ଜଣ ରିଜର୍ଭ ପୋଲିସକୁ ଥାନାର ସୁରକ୍ଷା ଦାୟିତ୍ୱ ଓ ସହରର ସୁରକ୍ଷା ଦାୟିତ୍ୱ ସମ୍ଭାଳିବାକୁ ପଡୁଛି। ପର୍ବପର୍ବାଣି ସମୟରେ ଆବଶ୍ୟକତା ଅନୁଯାୟୀ ଥାନାରେ ପୋଲିସ କର୍ମଚାରୀ ନ ବେଳେ ବେଳେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଜିଲାର ଅନ୍ୟ ସ୍ଥାନରେ ଅତି ଅତ୍ୟାଧୁନିକ ଭାବେ ଥାନା ନିର୍ମାଣ କରାଯାଉଛି। କିନ୍ତୁ ଜିଲା ସଦର ମହକୁମା ଥାନା ପ୍ରତି ସେପରି ଦୃଷ୍ଟି ଦିଆଯାଉ ନ ଥିବା ଦେଖିବାକୁ ମିଳିଛି। ପୋଲିସ ଅଧିକାରୀ ଓ କର୍ମଚାରୀ ଅଭାବ ସତ୍ତ୍ୱେ ଏବେ ଏହି ପୁରୁଣା ଥାନାକୁ ନୂତନ ଢଙ୍ଗରେ ସଜେଇବାକୁ ପ୍ରୟାସ ଆରମ୍ଭ ହୋଇଛି। ଯାଜପୁର ଥାନାକୁ ଅତ୍ୟାଧୁନିକ ଥାନା କରାଯିବା ସହ ନୂତନ ଗୃହ ନିର୍ମାଣ କରାଯିବ ବୋଲି ପୋଲିସର ବଡ଼ବାବୁମାନେ ବାରମ୍ବାର ଡିଣ୍ଡିମ ପିଟିଆନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଆଶା ଆଶାରେ ହିଁ ରହିଯାଏ। ବର୍ଷା ସମୟରେ ଉକ୍ତ ଥାନା ଛାତରୁ ବର୍ଷା ଜଳ ନିର୍ଗତ ହେଉଥିବା ବେଳେ କାନ୍ଥ ମଧ ଭେଦି ପାଣି ବହୁଛି। ଘର ଭିତରେ ଥିବା କାଗଜପତ୍ର ଉଇ ଚଢି ଯାଉଥିବା ଦେଖିବାକୁ ମିଳିଥାଏ। ୧୯୯୯ ମସିହା ପ୍ରଳୟଙ୍କାରୀ ମହାବାତ୍ୟାରେ ଆଜ୍‌ବେଷ୍ଟ ଉଡ଼ିଯିବା ପରେ ୨୦୦୦ ମସିହାରେ ସେହି ପୁରୁଣା କାନ୍ଥ ଉପରେ ଥାନାର ଢଳେଇ ଛାତ ପକାଯାଇଥିଲା। ତତ୍କାଳୀନ ଆରକ୍ଷୀ ଅଧୀକ୍ଷକ ଲଳିତ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ସେବେଠାରୁ ଏହି ଥାନା ଗୃହ ପ୍ରତି କେହି ଦୃଷ୍ଟି ଦେଇ ନ ଥିବା ଅଭିଯୋଗ ମିଳିଛି। ଏ ସଂକ୍ରାନ୍ତରେ ଥାନା କର୍ତ୍ତୃପକ୍ଷ କୁହନ୍ତି, ଥାନା ପରିସରର ନବୀକରଣ କରାଯିବାକୁ ଉଦ୍ୟମ ହେଉଛି। ଏହାସହ କାଗଜପତ୍ର ଓ ଆସବାପତ୍ର ସଠିକ ଢଙ୍ଗରେ ସାଇତି ରଖାଯାଉଛି। ଆବଶ୍ୟକ ସଂଖ୍ୟକ ପୋଲିସ କର୍ମଚାରୀ ଅଭାବରୁ ଯଦିଓ ପୋଲିସ ସେବା ଓ ନ୍ୟାୟ ପ୍ରଦାନ କରୁଛି ତଥାପି ଭାରି କଷ୍ଟକର ହେଉଛି।

## ବିଶ୍ୱକପ୍ ହକି ମାସ୍କଟ ଓଲିକୁ ଯାଜପୁରରେ ସ୍ୱାଗତ



ମାସ୍କଟ ଓଲିକୁ ଯାଜପୁରରେ ସ୍ୱାଗତ କରାଯାଉଛି।

**ଯାଜପୁର ଅଫିସ/ଧର୍ମଶାଳା (ଡି.ଏନ.ଏ.), ୪।୧୧**

ବିଶ୍ୱକପ ହକିର ମାସ୍କଟ ଓଲିକୁ ରବିବାର ଯାଜପୁର ସର୍କିଟ ହାଉସରେ ସ୍ୱାଗତ କରାଯାଇଛି। ଓଲି ସର୍କିଟ ହାଉସରେ ପହଞ୍ଚିବା ପରେ ଯାଜପୁର ବିଡ଼ିଓ ସୌରଭ ଚକ୍ରବର୍ତ୍ତୀ, ନିଜାରତ ଅଧିକାରୀ ଅନୂପ ବେହେରା, କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ସହକାରୀ ନାଜୀର ଅଶୋକ କୁମାର ମିଶ୍ର, ଯାଜପୁର ବ୍ଲକ ମୁଖ୍ୟ କିରାଣୀ ଦେବେନ୍ଦ୍ର କର ପ୍ରମୁଖ ସ୍ୱାଗତ କରିଥିଲେ। ସୋମବାର ପୂର୍ବାହ୍ନ ୧୦ଟା ସମୟରେ ସଂସ୍କୃତି ଭବନଠାରୁ ଏହି ଓଲି ମାସ୍କଟର ଶୋଭାଯାତ୍ରାକୁ ଜିଲାପାଳ ରଞ୍ଜନ କୁମାର ଦାସ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉଦଘାଟନ କରିବେ ବୋଲି ଜିଲା କ୍ରୀଡା ଅଧିକାରୀ ଜଣାଇଛନ୍ତି। ସେହିପରି ଏହି ମାସ୍କଟ ଓଲିକୁ ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ମଧ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜାରକା ସିନେମାହଲ ନିକଟରେ ମାସ୍କଟକୁ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଡିଓ ଅମ୍ବିକା ପ୍ରସାଦ ଦାଶ, ଅତିରିକ୍ତ ବିଡିଓ ଉପେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି ସ୍ୱାଗତ କରିଥିଲେ।



ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
- ଆବ୍ରାହମ ଲିଙ୍କନ



# ଚାଷୀଙ୍କ କାମରେ ଆସୁନି ଡାହୁକା ଡ୍ୟାମ୍

ନୟାଗଡ଼ ଅଫିସ,୪।୧୧

ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତରେ ଥିବା ଡାହୁକା ଡ୍ୟାମ୍ (ଜଳ ବିଭାଜିକା ପ୍ରକଳ୍ପ) ବର୍ତ୍ତମାନ ଅବ୍ୟବସ୍ଥା ମଧ୍ୟରେ ଥିବା ଦେଖିବାକୁ ମିଳୁଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ଡ୍ୟାମ୍ ଚାଷୀଙ୍କ କାମରେ ଲାଗୁନି। ଡ୍ୟାମ୍‌ର ବିଭିନ୍ନ ସ୍ଥାନ ଫାଟି ଆଁ କରିଥିବା ବେଳେ ଦୁଇପାର୍ଶ୍ୱରେ ଥିବା କେନାଲଗୁଡ଼ିକ ସଫେଇ କରାଯାଉନାହିଁ। ଏହି ଦୁଇଟି କେନାଲରେ ବର୍ତ୍ତମାନ ମାଟି ଓ ବାଲି ରହିବା ସହ ଅମରି ଗଛରେ ପରିପୂର୍ଣ୍ଣ ହୋଇଗଲାଣି। ସେହିଭଳି ଦୁଇ କେନାଲରୁ ଜମିକୁ ପାଣି ଯିବାକୁ ଥିବା ଛୋଟ (ପରୀ) କେନାଲ୍‌ରେ ମଧ୍ୟ ପାଣି ଉଠୁନି। ଫଳରେ ଚାଷୀଙ୍କ ଜମିକୁ ପାଣି ଯାଇପାରୁନାହିଁ। ପୂର୍ବରୁ ଯେଉଁଭଳି ଭାବେ ଜମିକୁ ପାଣି ସମସ୍ୟା ଦେଖାଦେଉଥିଲା ତାହା ଏବେ ବି ଦେଖାଦେଉଛି।

ପ୍ରକାଶ ଯେ, ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଜାମୁବଣ ନିକଟରେ ୧୯୭୦ ମସିହାରେ ଡାହୁକା ଡ୍ୟାମ୍ ନିର୍ମାଣ ହୋଇଥିଲା। ଲୁଣିଝରା ଓ ଡାହୁକା ନଦୀର ପାଣିକୁ ଏଠାରେ ଅଟକାଯାଇ ଚାଷୀଙ୍କ ଜମିକୁ ପାଣି ଯୋଗାଇବା ଲକ୍ଷ୍ୟ ଥିଲା। ଏହି ଡ୍ୟାମ୍ ଦ୍ୱାରା ଆଖପାଖର ଖଣ୍ଡୁଗାଁ, ବାଲୁଗାଁ, ଲକ୍ଷ୍ମୀପ୍ରସାଦ, ଗଦାଧରପ୍ରସାଦ, କ୍ରୀଦାଶପୁର ଭଳି ୫ ପଞ୍ଚାୟତର ହଜାର ହଜାର ଚାଷୀ ଉପକୃତ ହୋଇଥାନ୍ତେ। କିଛିବର୍ଷ ଏହା କାର୍ଯ୍ୟକ୍ଷମ ହେଲା ପରେ କେନାଲ ଅବ୍ୟବସ୍ଥାରେ ପଡ଼ିରହିଛି। ଏଠାରେ ଥିବା ଆନିକଟରେ ପାଣି



ଡାହୁକା ଡ୍ୟାମ୍ ।

- ଅନୁମୋଦନରେ ଅଟକିଛି ରକ୍ଷଣାବେକ୍ଷଣ
- ବାଲି, ମାଟିରେ ପୋତିହୋଇଛି ୨ କେନାଲ
- ପୂର୍ବଭଳି ସମସ୍ୟା ଭୋଗୁଛନ୍ତି ୫ ପଞ୍ଚାୟତର ଚାଷୀ

ବର୍ଷାଦିନେ ନ ରହିବା ଯୋଗୁ ଏହିଭଳି ସମସ୍ୟା ଦେଖାଦେଇଛି। ଏ ନେଇ ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ କହନ୍ତି, ୧୯୭୦ ମସିହାରୁ ଡ୍ୟାମ ନିର୍ମାଣ ହୋଇଥିଲେ ମଧ୍ୟ ଏହା ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ମାଟି ଓ ଅମରି ଗଛରେ ଏହା ପୋତିହୋଇଗଲାଣି। ଫଳରେ ବର୍ଷା ଦିନେ ପାଣି ରହୁନାହିଁ। ଏହା କାର୍ଯ୍ୟକ୍ଷମ ହୋଇପାରିଲେ ଧାନ ବ୍ୟତୀତ ଅନ୍ୟାନ୍ୟ ଫସଲ କରି ଚାଷୀ ଉପକୃତ ହୋଇପାରନ୍ତେ। କିନ୍ତୁ ତାହା ନ ହୋଇ ଜମି ପଡ଼ିଆ ପଡୁଛି। ଯଦି ଆନିକଟକୁ ଖନନ କରାଯାଇ ଡ୍ୟାମ୍‌ରେ ପାଣି ଗଚ୍ଛିତ ରଖାଯାଆନ୍ତା ତେବେ ଚାଷୀମାନେ ଉପକୃତ ହୁଅନ୍ତେ। ଏ ନେଇ ଜଳସମ୍ପଦ ବିଭାଗଠାରେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏହାଛଡ଼ା ଗ୍ରାଉଣ୍ଡରୁ ଠିକ୍ ଭାବେ ରିପୋର୍ଟ ଯାଉନାହିଁ। ଯେ ହେତୁ ଲାଇନ୍ ବିଭାଗ ପଞ୍ଚାୟତ ସହିତ ଯୋଗାଯୋଗରେ ରହୁନାହିଁ, ଏହିଭଳି ଅବ୍ୟବସ୍ଥା ହେଉଛି। ୭୦ ମସିହାରୁ ହୋଇଥିବା ବେଳେ ସେ ସମୟରୁ ଯୋଜନା ହେବା କଥା। କିନ୍ତୁ ବିଭାଗ କିଛି କରୁନାହିଁ। ଫଳରେ ଏଭଳି ଅବ୍ୟବସ୍ଥା ଲାଗିରହିଥିବା ପ୍ରଧାନ ପ୍ରକାଶ କରିଥିଲେ। ଅନ୍ୟପଟେ ଡାହୁକା ଡାଇଭର୍ସନ ଓ୍ୱାରଠାରୁ ସଜନାପଡ଼ା ପର୍ଯ୍ୟନ୍ତ ଡାହୁକା ବାମ ଓ ଦକ୍ଷିଣପାର୍ଶ୍ୱ ନଦୀବନ୍ଧର ସୁରକ୍ଷା କାର୍ଯ୍ୟ ପାଇଁ ଟିଏସି (ଟେକ୍ନିକାଲ୍ ଆଡ୍‌ଭାଇଜର କମିଟି)ରେ ୧ କୋଟି ୩୭ ଲକ୍ଷ ୪୯ ହଜାର ଟଙ୍କା ଅନୁମୋଦନ ଲାଗି ପ୍ରସ୍ତାବ ଦିଆଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ନୟାଗଡ଼ ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ଅମରେନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଡ୍ୟାମ୍‌ର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ପାଇଁ ୯ କୋଟି ୮୭ ଲକ୍ଷ ୬୭ ହଜାର ଟଙ୍କା ଟିଏସି (ଟେକ୍ନିକାଲ୍ ଆଡଭାଇଜର କମିଟି) ମାଧ୍ୟମରେ ଅନୁମୋଦନ ପାଇଁ ପଠାଯାଇଛି। ଅନୁମୋଦନ ହେଲା ପରେ କାର୍ଯ୍ୟ କରାଯିବ। ଫଳରେ ଅନୁମୋଦନରେ ଅଟକିଛି ଡାହୁକା ଡ୍ୟାମ୍‌ର ରକ୍ଷଣାବେକ୍ଷଣ ବୋଲି ସ୍ଥାନୀୟ ଚାଷୀମହଲରେ ଆଲୋଚନା ହେଉଛି।

## ସଂକ୍ଷେପରେ

### ସ୍ନାତକୋତ୍ତର ବିଭାଗର ପ୍ରବେଶ ଉତ୍ସବ



**ନୟାଗଡ଼ ଅଫିସ,୪।୧୧:** ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରବିବାର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସ୍ନାତକୋତ୍ତର ବିଭାଗର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁକ୍ତ ବିଶ୍ୱବିଦ୍ୟାଳୟ ନୟାଗଡ଼ ଶାଖାର ସଂଯୋଜକ ପ୍ରାଧ୍ୟାପକ ସରୋଜ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷା ଡ. ବିଜୟଲକ୍ଷ୍ମୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାନିବେଶୀମାନଙ୍କୁ ଉତ୍ସାହିତ କରିବା ସହ ପରିଚୟପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଗୋବିନ୍ଦଚନ୍ଦ୍ର ଦାଶ, ଖବରଦାତା ରାମକୃଷ୍ଣ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟାଳୟ ସହାୟକ ଶୁଭ୍ରାଂଶୁ କୁମାର ପ୍ରଧାନ ପରିଚାଳନା କରିଥିବାବେଳେ ଅଧ୍ୟାପକ ମହେନ୍ଦ୍ର କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

### ସିପିଆଇ ବୋଲଗଡ଼-ବେଗୁନିଆ ମିଳିତ କ୍ୟାଡର କନ୍‌ଭେନ୍‌ଶନ ଭାଜପା ସରକାରକୁ ବିରୋଧ

**ବୋଲଗଡ଼,୪।୧୧(ଡି.ଏନ.ଏ.):** ସିପିଆଇର ବୋଲଗଡ଼-ବେଗୁନିଆ ଉଭୟ ବ୍ଲକ୍‌ର ଏକ ମିଳିତ କ୍ୟାଡର୍ କନ୍‌ଭେନଶନ୍ ରବିବାର ପିଚୁକୁଳିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସିପିଆଇ ନେତା ଅମିୟ କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ପାର୍ଟିର ଦିବଂଗତ ନେତାମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା। ସିପିଆଇ ଜାତୀୟ ପରିଷଦ ସଭ୍ୟ ରାମକୃଷ୍ଣ ପଣ୍ଡା ଯୋଗଦେଇ କେନ୍ଦ୍ରରେ ଭାଜପା ଶାସିତ ସରକାରଙ୍କୁ ବିରୋଧ ଓ ତୀବ୍ର ସମାଲୋଚନା କରିଥିଲେ। ଗତ ସାଢ଼େ ୪ ବର୍ଷର ଭାଜପା ଶାସନ ମଧ୍ୟରେ ଗ୍ୟାସ୍, ପେଟ୍ରୋଲ୍ ଓ ଡିଜେଲ୍ ଦରବୃଦ୍ଧି ଓ କୃଷିଋଣ ଛାଡ଼ ପ୍ରସଙ୍ଗ ଉପରେ ସେ କହିଥିଲେ। ଡାକ୍ତରଙ୍କ ଅଭାବ ଓ ନିଯୁକ୍ତି ନେଇ ବରିଷ୍ଠ ନେତା ବସନ୍ତ ପାଇକରାୟ ମତ ରଖିଥିଲେ। ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ଉତ୍କଳ ମହିଳା ସମିତି ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ, ପିଚୁକୁଳି କୃଷିସେବା ସମବାୟ ସମିତି ସଭାପତି ବିଜୟ କୁମାର ଗୁମାନସିଂହ, ବେଗୁନିଆ ଜୋନ ସମ୍ପାଦକ ଲକ୍ଷ୍ମଣ ସେଠୀ, ବୋଲଗଡ଼ ଜୋନ ସମ୍ପାଦକ ବିନୋଦ ବରାଡ଼, ଖୋର୍ଦ୍ଧା ଜିଲା ସିପିଆଇ ସମ୍ପାଦକ ନୃସିଂହ ବେହେରା, ସିପିଆଇ ନେତା ଅଜୟ ମଙ୍ଗରାଜ, ପ୍ରଦୀପ ବାରିକ, ବସନ୍ତ ସେଠୀ, ହରିବନ୍ଧୁ ଦଳାଇ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ସମାଲୋଚନା କରିଥିଲେ। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ କ୍ୟାଡର ନେତା ଯୋଗଦେଇଥିଲେ। ବୋଲଗଡ଼ ଓ ବେଗୁନିଆ ବ୍ଲକ୍‌ସ୍ଥ ୨୮ଟି ଶାଖାର ସିପିଆଇ ସମ୍ମିଳନୀ ଆସନ୍ତା ୩୦ ତାରିଖ ସୁଦ୍ଧା ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ଆଗାମୀ ସାଧାରଣ ନିର୍ବାଚନରେ ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ସିପିଆଇ ପକ୍ଷରୁ ବିଧାୟକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା।

### ଭାଜପାରେ ଯୋଗଦେଲେ ୨୦କର୍ମୀ



**ବୋଲଗଡ଼,୪।୧୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ୍ ବଡ଼କୁମାରୀଠାରେ ପାଞ୍ଚଗଡ଼ ମଣ୍ଡଳ ପକ୍ଷରୁ ରବିବାର ଭାଜପାର ଏକ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଦଳର ୨୦ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ସଭାରେ ଭାଜପାର ବରିଷ୍ଠ ନେତା ରବୀନ୍ଦ୍ର ପରିଡ଼ା ପୌରୋହିତ୍ୟ କରିଥିଲା ବେଳେ ସୁବାସ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ବିଜୁଳି, ଦଳୀୟ ନେତା ସତ୍ୟଜିତ ପଟ୍ଟନାୟକ, ସିଲୁ ବଳିୟାରସିଂହ, ଲୋତକ ବିନ୍ଦୁ ପଟ୍ଟନାୟକ, ଅଶୋକ ରାଉତ, ପ୍ରଦୀପ ନାଏକ, ମୀନା କୁମାରୀ ସାମନ୍ତରାୟ, ବେଣୁଧର ରଣବିଜୁଳି ପ୍ରମୁଖ ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ। ୨୦୧୯ ନିର୍ବାଚନରେ ବେଗୁନିଆ ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଦଳ ପକ୍ଷରୁ ଅନୁରୋଧ କରାଯାଇଥିଲା।

# ପୂର୍ବ ଶତ୍ରୁତାରୁ ଆକ୍ରମଣ: ଥାନାରେ ଅଭିଯୋଗ

ଖଣ୍ଡପଡ଼ା,୪।୧୧(ସ୍ୱ.ପ୍ର.)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଖଣ୍ଡପଡ଼ା ଥାନା ଅଧୀନ କୁଞ୍ଜବିହାରୀପୁର ଗ୍ରାମରେ ରବିବାର ସନ୍ଧ୍ୟା ୭ଟାରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୋଟିଏ ଗୋଷ୍ଠୀର ଲୋକଙ୍କ ଆକ୍ରମଣ ଫଳରେ ସେହି ଗ୍ରାମର ଧ୍ରୁବଚରଣ ପଣ୍ଡା(୪୫) ଗୁରୁତର ଭାବେ ଆହତ ହୋଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଧ୍ରୁବଚରଣ ପୋଖରୀରୁ ସ୍ନାନ ସାରି ଘରକୁ ଫେରୁଥିବା ବେଳେ ଗାଁ ଦାଣ୍ଡରେ ସନାତନ ବେହେରା ଓ ତାଙ୍କ ପରିବାର ଲୋକେ ତାଙ୍କୁ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଧ୍ରୁବଚରଣଙ୍କ ପତ୍ନୀ ଗୌରମଣୀ ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୨୦/୧୮ରେ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି। ଅଭିଯୁକ୍ତମାନେ ଫେରାର ଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ହକି ବିଶ୍ୱକପ ମାସ୍କଟ ଓଲିକୁ ସ୍ୱାଗତ

ନୟାଗଡ଼ ଅଫିସ,୪।୧୧

ହକି ବିଶ୍ୱକପ ମାସ୍କଟ ଓଲିକୁ ରବିବାର ସନ୍ଧ୍ୟାରେ ନୟାଗଡ଼ ବ୍ଲକ ବିଜିପୁର ଗେଟ୍‌ଠାରେ ଜିଲା ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଛି। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ସମେତ ଜିଲା ପ୍ରଶାସନ ତରଫରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଓଲିକୁ ସ୍ୱାଗତ କରିଥିଲେ। ପ୍ରକାଶ ଯେ, ନଭେମ୍ବର ମାସରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ପୁରୁଷ ବିଶ୍ୱକପ ହକି। ରାଜ୍ୟ ସରକାର ଏହାକୁ ସଫଳତାର ସହ ସମ୍ପନ୍ନ କରିବା ଲାଗି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ହକିର ପ୍ରଚାରପ୍ରସାର ପାଇଁ ଓଲି ରାଜ୍ୟବ୍ୟାପୀ ପରିକ୍ରମା କରୁଛି। ଏ ଉପଲକ୍ଷେ ସୋମବାର ୯ ଘଟିକା ସମୟରେ ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ମହୋତ୍ସବ ପଡ଼ିଆକୁ ଯିବ।



ହକି ମାସ୍କଟ ଓଲିକୁ ଜିଲା ପ୍ରଶାସନ ତରଫରୁ ସ୍ୱାଗତ କରାଯାଉଛି।

# ଦାରୁଭୂତ ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ



ଅତିଥିମାନେ ଦାରୁଭୂତ ବାର୍ଷିକ ସଂଖ୍ୟା ଉନ୍ମୋଚନ କରୁଛନ୍ତି।

ନୟାଗଡ଼ ଅଫିସ,୪।୧୧

ନୟାଗଡ଼ ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଦାରୁଭୂତ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ରବିବାର ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସମ୍ପାଦକ ପ୍ରଫେସର ଦୁଃଖିଶ୍ୟାମ ଦାଶଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ସାହିତ୍ୟିକମାନେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମାଲୋଚକ ତଥା କଥାକାର ଜ୍ୟୋତି ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମାଲୋଚକ ତଥା କବି କେଦାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟ ଲୋକଙ୍କଠାରୁ ଦୂରେଇ ଯାଉଥିବା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ବକ୍ତା ଭାବେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଜ୍ଞାନୀ ଦେବାଶିଷ ମିଶ୍ର ଦାରୁଭୂତ ସାଂସ୍କୃତିକ ପରିଷଦ ଜିଲାରେ ଏକ ନିଆରା ପରିଚୟ ସୃଷ୍ଟି କରିଥିବା ପ୍ରକାଶ କରିଥିଲେ। ଏହି ଅବସରରେ ୨ଟି ପୁସ୍ତକ ଓ ଦାରୁଭୂତର ବାର୍ଷିକ ସଂଖ୍ୟା ଉନ୍ମୋଚନ କରାଯାଇଥିଲା। କଥାକାର ତପନ ମହାପାତ୍ରଙ୍କ ଦ୍ୱାରା ସଂଗୀତଜ୍ଞ ନବକିଶୋର ମିଶ୍ରଙ୍କ ଉପରେ ରଚନା କରାଯାଇଥିବା ମୋ ଗପରେ ଗୀତର ଗାୟକ ଓ କିଶୋର ଚନ୍ଦ୍ର ପରିଡ଼ାଙ୍କ ଗଦ୍ୟ ସଂକଳନ ରାତ୍ରିର ରଙ୍ଗ ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। ଔପନ୍ୟାସିକ ଜ୍ୟୋତି ନନ୍ଦଙ୍କୁ ଦାରୁଭୂତ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସାହିତ୍ୟ ପାଇଁ ଗୀତା ଦେବୀ, ପ୍ରେମାନନ୍ଦ ମହାପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, କୃଷ୍ଣପ୍ରିୟା ପଟ୍ଟନାୟକ, ଅନ୍ୱେଷ ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଦାଶ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ପ୍ରଭାତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ଖୋର୍ଦ୍ଧା ଅଫିସ,୪।୧୧

ବାଣପୁର ବ୍ଲକ ବାଲିଡିହସ୍ଥିତ ସ୍ୱାମୀ ଚେତନାନନ୍ଦ ସାରସ୍ୱତ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ହାଇକୋର୍ଟର ଆଇନଜୀବୀ ଜିତେନ୍ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଓଡିଶା ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କର୍ମୀ ଲକ୍ଷ୍ମଣ କୁମାର ପଣ୍ଡା ଏବଂ ଭୁବନେଶ୍ୱର ନିଗମ ଯୋଗାଶ୍ରମର କଲ୍ୟାଣମୟୀ ମା' ସରସ୍ୱତୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ବକ୍ତାମାନେ ଶିଶୁମାନଙ୍କ ଗଠନରେ ମା'ଙ୍କର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଶିଶୁମାନେ କିପରି ସଂସ୍କାରୀ ହେବେ ସେ ସମ୍ବନ୍ଧରେ ମା'ମାନଙ୍କୁ ପରାମର୍ଶ ଦେଇଥିଲେ। ପରିଚାଳନା କମିଟିର ସମ୍ପାଦିକା ରାଜଲକ୍ଷ୍ମୀ ଧନ୍ୟବାଦ ଦେଇଥିଲେ। ବାଲିଡିହ, ଭୁଷ୍କାପଡା, ମୁକ୍ତାଦେଇପୁର ଓ ଭବାନୀପୁର ଗ୍ରାମର ମହିଳାମାନେ ଏଥିରେ ସାମିଲ ହୋଇଥିଲେ।

# ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ

ନୟାଗଡ଼ ଅଫିସ,୪।୧୧

ଜିଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ନୟାଗଡ଼ ବ୍ଲକ ବାଉଁଶିଆପଡ଼ା ଜନତା ନୋଡ଼ାଲ ବିଦ୍ୟାପୀଠଠାରେ ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଜିଲାର ନୟାଗଡ଼, ଖଣ୍ଡପଡ଼ା, ରଣପୁର, ଓଡ଼ଗାଁ, ଦଶପଲ୍ଲା, ଗଣିଆ ଆଦି ୮ ବ୍ଲକର ଛାତ୍ରମାନଙ୍କ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ନୟାଗଡ଼ ବ୍ଲକ ବିଜୟୀ ହୋଇଥିଲା।



ବିଜୟୀ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଆଦର୍ଶ ଗ୍ରାମ ସଂଗଠନ ତରଫରୁ ୩ ଦିନିଆ ଶିବିର

## ୧୦ ବିଦ୍ୟାଳୟରୁ ଯୋଗଦେଲେ ୩୦୦ ଛାତ୍ରୀଛାତ୍ର

ରଣପୁର, ୪।୧୧(ସ୍ୱ.ପ୍ର.)

ରଣପୁର ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଆଦର୍ଶ ଗ୍ରାମ ସଂଗଠନ ତରଫରୁ ୩ଦିନିଆ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପାଳପୁର ପଞ୍ଚାୟତର ୧୦ ବିଦ୍ୟାଳୟରୁ ପ୍ରାୟ ୩୦୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଗୋପାଳପୁର ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏହି ସଂଘ ଗଢ଼ିଉଠିଛି । ଚଳିତ ମାସ ୨ରୁ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଶିକ୍ଷାଭିତ୍ତିକ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲାପାଳ ଡ. ଏନ୍. ତିରୁମାଲା ନାୟକ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ଉପେନ୍ଦ୍ର ସାହୁ, ଗୋପାଳପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ, ଶିକ୍ଷକ ଜ୍ୟୋତି ରଞ୍ଜନ ଦାସ, ଚାନ୍ଦପୁର ଏଜି ମିଶନ ବିଦ୍ୟାଳୟର ଅଧକ୍ଷ ଏମ୍ ମାର୍ଟିନ୍ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଶିକ୍ଷକ ବିରଞ୍ଚି ନାରାୟଣ ତ୍ରିପାଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧକ୍ଷା ସୁଭାସିନୀ ସ୍ୱାଇଁ ଓ ଅଧ୍ୟାପକ ଭାଗ୍ୟଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।



ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ■ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

# ନିମ୍ନମାନର ରାସ୍ତା କାମ ନେଇ ଜନଅସନ୍ତୋଷ

ନୂଆଗାଁ,୪।୧୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଉଥିବା ରାସ୍ତାକାର୍ଯ୍ୟ ନିମ୍ନମାନର ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଜନଅସନ୍ତୋଷ ବଢିବାରେ ଲାଗିଛି। ଏପରି କି ନୂଆଗାଁ ବ୍ଲକରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଆର୍‌ଡି କାର୍ଯ୍ୟାଳୟ ଓ କ୍ୱାର୍ଟର୍ସ ନିର୍ମାଣ କରାଯାଇଥିଲେ ସେଥିରେ କୌଣସି କର୍ମଚାରୀ ରହୁ ନ ଥିବା ଦେଖିବାକୁ ମିଳୁଛି।

ଆର୍‌ଡି ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ବ୍ଲକରେ ବିଭିନ୍ନ ରାସ୍ତା ନିର୍ମାଣ କରାଯାଉଛି। ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ତଦାରଖ ଅଭାବରୁ ଠିକାଦାର ନିମ୍ନମାନର କାର୍ଯ୍ୟ କରି ଅର୍ଥ ହଡ଼ପ କରୁଥିବା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ମହୀପୁରଠାରୁ ପାରାଡିପି ପଞ୍ଚାୟତ ଦେଇ ସଂପଡା ଛକ ଜାତୀୟ ରାଜପଥ ପର୍ଯ୍ୟନ୍ତ ୯ କିଲୋମିଟର ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ତରଫରୁ ୩ କୋଟି ୯୨ ଲକ୍ଷ ୭୬ ହଜାର ଟଙ୍କା ଅନୁଦାନ ଦିଆଯାଇଛି। ଏହି ରାସ୍ତା କାମ ଅତି ନିମ୍ନମାନର ହେଉଥିବା ନେଇ ଲୋକମାନେ ଅଭିଯୋଗ ଆଣିଛନ୍ତି। ପୁଣି ଠିକାଦାରଙ୍କ ଅବହେଳାରୁ ନିର୍ଦ୍ଧାରିତ ସମୟ ସୁଦ୍ଧା କାର୍ଯ୍ୟ ଶେଷ ହୋଇପାରୁନାହିଁ। ଅଧାପନ୍ତରିଆ କାମ ଯୋଗୁ ଲୋକମାନେ ଅସୁବିଧା ଭୋଗୁଛନ୍ତି। ହେଲେ ଏଥିପାଇଁ ଠିକାଦାରଙ୍କଠାରୁ ପେନାଲ୍‌ଟି ଆଦାୟ ହେଉଥିବା କହୁଛନ୍ତି ଅଧିକାରୀ। ନିର୍ମାଣାଧୀନ ରାସ୍ତାର ଦୁଇ ପାର୍ଶ୍ୱରେ ମୋରମ ପକାଇବାର ନିୟମ ଥିବାବେଳେ ଠିକାଦାର ଖଳି କାଦୁଅ ମାଟି ପକାଇ କାମ କରୁଛନ୍ତି। ଆକଳନ ମୁତାବକ ସାମଗ୍ରୀ ନ ପକାଇବା ହେତୁ ଅଳ୍ପ ଦିନରେ ରାସ୍ତା ନଷ୍ଟ ହେଉଛି। ନିମ୍ନମାନର କାମ ଯୋଗୁ ମହୀପୁରଠାରୁ ସଂପଡା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କରେ ନିର୍ମାଣ କରାଯାଇଥିବା ଏକ ପୋଲ ଫାଟି ଆଁ କରିଥିବା ବେଳେ ତାହାକୁ ଘୋଡାଇ ଦିଆଗଲା। ରାସ୍ତାର ଗୋଟିଏ ପଟେ ପିଚୁ ପଡୁଥିବା ବେଳେ ଅନ୍ୟପଟୁ ପିଚୁ ଉଠିବାରେ ଲାଗିଛି। ଅନୁରୂପ ଭାବେ ୨ କୋଟି ୭୫ ଲକ୍ଷ ୫୯ ହଜାର ୪୭୨ ଟଙ୍କା ବ୍ୟୟରେ ମହୀପୁର ନିକଟ ୫୭ନଂ. ଜାତୀୟ ରାଜପଥଠାରୁ ନନ୍ଦିଘୋଷପୁର ପର୍ଯ୍ୟନ୍ତ ୫ କିଲୋମିଟର ୩୦୦ ମିଟର ରାସ୍ତା ନିର୍ମାଣ କରାଯାଇଛି। ନିର୍ମାଣ ଶେଷ ହେବାର ମାସେ ନ ପୂରୁଣୁ ରାସ୍ତାରୁ ପିଚୁ ଉଠିଯାଇଥିବା ଦେଖିବାକୁ ମିଳୁଛି। ପିଚୁ ଉଠିଯିବା ଓ ରାସ୍ତା ଦୁଇ କଡରେ ଖଳି କାଦୁଅମାଟି ପଡୁଥିବା ବିଷୟରେ ଆର୍‌ଡି ଏସଡିଓ ନାରାୟଣ ମୁର୍ମୁଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ କାମ ଦେଖିବା ପାଇଁ ଯାଇଥିବା ସମୟରେ ଠିକ୍ ଭାବେ ଚାଲିଥିଲା। ଏବେ କ'ଣ ହୋଇଛି ଜାଣିନି। ଦେଖିବା ପରେ ଯାହା କହିବି। ଯଦି ଖରାପ କାମ ହୋଇଥିବ ତା'ହେଲେ ପୁନର୍ବାର ସେହି କାମ କରିବା ପାଇଁ ନିର୍ଦ୍ଦେଶ ଦେବି।



ରାସ୍ତା କଡରେ ପକାଯାଇଥିବା ଖଳି କାଦୁଅ ମାଟି।

